# ମେଡିକାଲ କଲେଜ ଦାବି ତେଜିଲା

ଭଦ୍ରକ ଅଫିସ, ୧୫।୯



ରାଜଘାଟ ଛକଠାରେ ଦସ୍ତଖତ ସଂଗ୍ରହ କରାଯାଉଛି।

- ଦସ୍ତଖତ ଅଭିଯାନ, ପଥପ୍ରାନ୍ତ ସଭା
- ଜିଲାବ୍ୟାପୀ ଚାଲିବ ଅଭିଯାନ

ଭଦ୍ରକ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଛି। ରବିବାର ସ୍ଥାନୀୟ ଗୋଶାଳାଛକ ଠାରେ ଭଦ୍ରକ ଜିଲା ଯାଦବ ଓ ଯୁବଯାଦବ ମହାସଭା ତରଫରୁ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ପଥପ୍ରାନ୍ତ ସଭା ଓ ଦସ୍ତଖତ ସଂଗ୍ରହ ଅଭିଯାନ କରାଯାଇଥିଲା। ଦଳମତ ନିର୍ବିଶେଷରେ ଜିଲାର ବିଭିନ୍ନ ରାଜନୈତିକ, ଅଣରାଜନୈତିକ ଓ ସାମାଜିକ ସଙ୍ଗଠନର ନେତୃବର୍ଗ ଏଥିରେ ସାମିଲ ହୋଇଥିଲେ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳିତ ଏହି ଜିଲାରେ ଶୀଘ୍ର ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ସରକାର ଓ ପ୍ରଶାସନ ଉପରେ ଚାପ ପକାଯିବାକୁ ନିଷ୍ପତ୍ତି ନିଆଯାଇଛି।

ପଥପ୍ରାନ୍ତ ସଭା ଅବସରରେ ଭଦ୍ରକ ଜିଲା ଯୁବଯାଦବ ସଂଗଠନର କାର୍ଯ୍ୟକାରୀ ସଭାପତି ପ୍ରକାଶଜ୍ୟୋତି ମହାକୁଡ଼ଙ୍କ ନେତୃତ୍ୱରେ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଭଦ୍ରକର ବରିଷ୍ଠ ଡା. ହରି ନାୟକ, ବରିଷ୍ଠ ଆଇନ୍‌ଜୀବୀ ଜ୍ୟୋତିକାନ୍ତ ନାୟକ, ବରିଷ୍ଠ ବୁଦ୍ଧିଜୀବୀ ସୁଧାକର ରାଉତ, ବିଜୁଜନତା ଦଳର ନେତା ପ୍ରଫୁଲ୍ଲ ନାୟକ, ସୁରଜିତ୍ ପାଲ, ପ୍ରବୀର ଜେନା, ଇଗ୍‌ବାଲ ଖାଁ, ଭାଜପା ନେତା ତୁଷାର ଜେନା, ଅମ୍ବିକା ଦାସ, ସୁରେଶ ସାମଲ, କଂଗ୍ରେସର ନେତା ନଳିନୀକାନ୍ତ ମହାନ୍ତି, ଆଶିଷ୍ ରାଉତ, ତପନ ନାୟକ ସଭାରେ ମତାମତ ଦେବା ସହ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ। ରାଜ୍ୟ ଯୁବଯାଦବ ସଂଗଠନର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବାରିକ, ମୁଖ୍ୟ ଉପଦେଷ୍ଟା ଅମର କୁମାର ବାରିକ, ଉପସଭାପତି ମନୋଜ ପାଣ୍ଡବ, ଲିପିକା ବାରିକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଦାସ, ଶରତ ମହାକୁଡ଼, କାହ୍ନୁଚରଣ ବାରିକ, ସୁଦର୍ଶନ ବାରିକ, ବାପୁଜୀ ପରିଡ଼ା ଓ ଯୁବଯାଦବ ନେତା ପ୍ରଫୁଲ୍ଲ ପୃଷ୍ଟି, ରଶ୍ମିରଞ୍ଜନ ମହାକୁଲ ଓ ବାସୁଦେବପୁର ବ୍ଲକ ଯୁବଯାଦବ ସଂଗଠନ ସଭାପତି କୃଷ୍ଣଚନ୍ଦ୍ର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ ବନ୍ତଛକଠାରେ ଗତ ୧୨ ତାରିଖରେ ଅନୁରୂପ ସଭା କରାଯାଇ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ଯାଦବ ସଂଗଠନ ପକ୍ଷରୁ ଜିଲାବ୍ୟାପୀ ଆୟୋଜନ କରାଯିବ ବୋଲି କୁହାଯାଇଛି। ଜିଲାବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ମଧ୍ୟ ଦାବି କରାଯାଇଛି।

# ଚୋର, ଲୁଟେରାଙ୍କ ଟେର୍ ପାଉନି ପୋଲିସ

ଭଦ୍ରକ ଅଫିସ,୧୫।୯

- ଆଧୁନିକ ଜ୍ଞାନକୌଶଳ ଓ ଦକ୍ଷ କର୍ମଚାରୀ ଅଭାବ ଅନ୍ତରାୟ ସାଜୁଛି
- ବର୍ଷକୁ ବର୍ଷ ବଢୁଛି ମାମଲା ସଂଖ୍ୟା, ତଦନ୍ତ ବାଟବଣା

ପୋଲିସ ପାଟ୍ରୋଲିଂ ସତ୍ତ୍ୱେ ଭଦ୍ରକ ସହର ଓ ଆଖପାଖ ଅଞ୍ଚଳରେ ଚୋର ଓ ଲୁଟେରାଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ଏଠାକାର ସହରାଞ୍ଚଳ, ପୁରୁଣାବଜାର ଓ ଗ୍ରାମାଞ୍ଚଳ ଥାନାରେ ଚୋରି ଘଟଣା ନେଇ ଏତଲା ଦିଆଗଲେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ୍ୟ ଚୋରଙ୍କ ସନ୍ଧାନ କରିପାରୁ ନାହିଁ। କୋର୍ଟରେ କେବଳ ମାମଲା ସଂଖ୍ୟା ବଢିବା ସାର ହେଉଛି।

କୋର୍ଟରେ ଏକ ରିପୋର୍ଟକୁ ସମୀକ୍ଷା କଲେ ଜଣାଯାଏ, ୨୦୧୬ରେ ଭଦ୍ରକ ବିଚାର ବିଭାଗୀୟ ଅଦାଲତରେ ୬୨ଟି ମାମଲା ବିଚାରାଧୀନ ରହିଥିଲା। ସେଥିମଧ୍ୟରୁ ୪୮ ଚୋରି ମାମଲାରେ ପୋଲିସ ଚୋରଙ୍କର କୌଣସି ସନ୍ଧାନ ପାଇପାରିନି। ୨୦୧୭ରେ ୮୬ ଚୋରି ମାମଲା ମଧ୍ୟରୁ ୫୦ ମାମଲାରେ ଚୋରଙ୍କ ସନ୍ଧାନ ମିଳିନି। ୨୦୧୮ ରେ ୮୦ ଚୋରି ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ୬୧ ମାମଲାରେ ଚୋରଙ୍କ ସନ୍ଧାନ ପାଇନି ପୋଲିସ। ୨୦୧୯ରେ ବର୍ତ୍ତମାନ ସୁଦ୍ଧା ୭୩ ଟି ମାମଲା ରୁଜୁ ହୋଇଛି। ୬୨ ମାମଲାରେ ପୋଲିସ ଚୋରଙ୍କ ସନ୍ଧାନ ପାଇନି। ଚଳିତ ମାସ ୭ ତାରିଖ ରାତିରେ ଅପର୍ତ୍ତିବିନ୍ଧାର ବରିଷ୍ଠ ନାଗରିକ ଉମାକାନ୍ତ ବେହୁରିଆ ଓ ତାଙ୍କ ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁସନ୍ଧ୍ୟା ଦାସଙ୍କ ଘରେ ଲୁଟେରାମାନେ ତୃତୀୟଥର ପାଇଁ ଲୁଟ୍ କରିଥିଲେ। ସେମାନେ ଚିକିତ୍ସା କାର୍ଯ୍ୟରେ ଭୁବନେଶ୍ୱର ଯାଇଥିବା ବେଳେ ଲୁଟେରାମାନେ ଘରର ପ୍ରଥମ ଦୁଆର ତାଲାକୁ ମିଶାଇ ୬ଟି ଘରର ତାଲା ଭାଙ୍ଗି ସୁନା ଗହଣା ସାଙ୍ଗକୁ ଏଲ୍‌ଇଡି ଟିଭି ଓ ସିସିଟିଭି ହାର୍ଡଡିସ୍କ ଲୁଟି ନେଇଥିଲେ। କୌତୂହଳର କଥା ଯେ, ଲୁଟେରାମାନେ ପୋଲିସର ପରିଚୟ ଦେଇ ଏକା ଢଙ୍ଗରେ ୪ ରୁ ଊର୍ଦ୍ଧ୍ୱ ସ୍ଥାନରେ ଅଳଙ୍କାର ଲୁଟି ନେବା ଭଳି ଘଟଣା ପଦାକୁ ଆସିଛି। ସେମାନେ ଚତୁରତାର ସହ ବ୍ୟାଙ୍କ ଓ ଏଟିଏମ୍ ସମ୍ମୁଖରେ ଟଙ୍କା ପକାଇ ଲୁଟ୍ କରୁଛନ୍ତି। ସହରରେ ଗୋଟିଏ ଦିନରେ ୫ ଏଟିଏମ୍‌ରୁ ଲୁଟ୍ ହୋଇଛି। ବ୍ୟାଙ୍କକୁ ଟଙ୍କା ନିଆଯାଉଥିବା ବେଳେ ଗୁଳି ଫୁଟାଇ ଲୁଟ୍ କରାଯାଉଛି। ଏସବୁ ଘଟଣାରେ ଲୁଟେରାଙ୍କୁ ପୋଲିସ କାବୁ କରିପାରୁ ନାହିଁ। ଏ ନେଇ ଆଇନଜୀବୀ ଗଦାଧର ବଳ କୁହନ୍ତି, ପୋଲିସ ଅଭିଯୋଗକୁ ଭିତ୍ତି କରି କେବଳ ମାମଲା ରୁଜୁ କରି ଚୁପ୍ ହୋଇ ବସୁଛି। ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଦକ୍ଷ ତଦନ୍ତ ଅଧିକାରୀଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଉ। ଏ ସମ୍ପର୍କରେ ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କୁ ପଚାରିବାରୁ କହିଛନ୍ତି, ଚୋରଙ୍କ ସନ୍ଧାନ ପାଇଁ ଉଦ୍ୟମ କରାଯାଉଛି। ବିଭାଗରେ କର୍ମଚାରୀ ଅଭାବ ଅନ୍ତରାୟ ସାଜୁଛି।

## ସଂକ୍ଷେପରେ

### ବିଦ୍ୟାଳୟ ପରିସରରେ ଚାରାରୋପଣ




ଆରଡି, ୧୫।୯, (ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତସ୍ଥିତ ମଠଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବିଜୁ ଯୁବବାହିନୀ ପକ୍ଷରୁ ଚାରାରୋପଣ କରାଯାଇଥିଲା। ସଂଗଠନର ଓଳଗ ପଞ୍ଚାୟତ ସଭାପତି ଶୈଳେନ୍ଦ୍ର ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବନିତା ପୃଷ୍ଟି, ସହକାରୀ ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁ, ସୁକାନ୍ତି ଖଣ୍ଡିଆ, ସୁମତି ସାହୁ, ମିତତି ଲତା ପାକଳ, ରେବତୀ କହଁର, ନଳିନୀ ମିଶ୍ର ପ୍ରମୁଖ ଚାରାରୋପଣ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ କିଛି ସମୟ ପାଇଁ ଛାତ୍ରୀଛାତ୍ରଙ୍କୁ ଚାରାରୋପଣ ସମ୍ବନ୍ଧରେ ସଚେତନତା କରାଯାଇଥିଲା।

### କାର୍ଯ୍ୟରେ ଯୋଗ ଦେଲେ ନୂଆ ଥାନାଧିକାରୀ

ପଦ୍ମପୁର, ୧୫।୯ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନାରେ ଶୁକ୍ରବାର ଇନ୍ସପେକ୍ଟର ଉମାଶଙ୍କର ନାୟକ ନୂତନ ଥାନାଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ ବାସୁଦେବପୁରରେ ଥାନାଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ନାୟକାଣିଡିହୀ ଥାନାରେ ଥିବା ଇନ୍ସପେକ୍ଟର ରତିକାନ୍ତ ଗିରିଙ୍କର ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଥିବା ସୂଚନା ମିଳିଛି।

### ୨ ଚୋରାମଦ ବେପାରୀ ଗିରଫ

ଭଣ୍ଡାରିପୋଖରୀ,୧୫।୯ (ଡି.ଏନ୍.ଏ.): ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ବ୍ଲକର ପିରିପୁର ଓ ଯୋରାଗଡିଆଠାରେ ଶନିବାର ସକାଳେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଦୁଇଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ବାରିକପୁର ନିକଟ ପିରିପୁର ଗ୍ରାମର ଜଗନ ସିଂ ଦେଶୀମଦ ନେଇ ଯାଉଥିବା ବେଳେ ତାଙ୍କଠାରୁ ୫ ଲିଟର ଓ ମାଳଦା ନିକଟ ଯୋରାଗଡିଆ ଗ୍ରାମରୁ ଗିରିଜା ଶଙ୍କର ପାତ୍ରଙ୍କଠାରୁ ୧୪ ଲିଟର ଆସ୍କାଫର୍ଟି ଜବତ କରାଯାଇଛି। ଦୁଇ ପୃଥକ ମାମଲା(ନଂ ୧୭/୧୯ ଓ ୧୮/୧୯) ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଭାଗବତ ଜନ୍ମୋତ୍ସବ

ଭଣ୍ଡାରିପୋଖରୀ, ୧୫।୯(ଡି.ଏନ୍.ଏ.): ଅତିବଡୀ ଜଗନ୍ନାଥ ଦାସଙ୍କ ପବିତ୍ର ସାଧନା ପୀଠ, ସାତ ଲଉଡି ମଠ, ପୁରୀଙ୍କ ପ୍ରେରଣାରେ ସ୍ଥାପିତ ହୋଇଥିବା ଭଣ୍ଡାରିପୋଖରୀ ବ୍ଲକ ଗୁହାଳିଆ ସ୍ଥିତ ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗି ଆନୁକୂଲ୍ୟରେ ଭାଗବତ ଜନ୍ମୋତ୍ସବ ଶନିବାର ପାଳିତ ହୋଇଥିଲା। ଟୁଙ୍ଗିର ତତ୍ତ୍ୱାବଧାରକ ଉଦ୍ଧବ ଚରଣ ରାଉତଙ୍କ ପରିଚାଳନାରେ ପୁରୋହିତ ପବିତ୍ର ମିଶ୍ର, ଶ୍ରୀଧର ମିଶ୍ର, ପ୍ରଫୁଲ୍ଲ ଶତପଥୀ ଓ ଗ୍ରାମବାସୀଙ୍କ ସହାୟତାରେ ଭାଗବତ ପାଠ ଅନୁଷ୍ଠିତ ହୋଇଥିଲା।

### ୭୫ ୟୁନିଟ୍ ରକ୍ତ ସଂଗ୍ରହ



ଭଦ୍ରକ ଅଫିସ, ୧୫।୯: ଭଦ୍ରକ ପୁରୁଣାବଜାର ଶ୍ରୀ ବାବା ବୁଢାଗଣେଶ କମିଟି ପକ୍ଷରୁ ଶନିବାର ସଦାବର୍ତ୍ତ ମଠ ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପୁରୁଣାବଜାର ଥାନାଧିକାରୀ ପ୍ରଜ୍ଞା ମହାନ୍ତି ପ୍ରଥମେ ରକ୍ତଦାନ କରିଥିଲେ। କମିଟିର ସଭାପତି ଅଜୟ ସାହୁ, ଉପସଭାପତି ମନୋରଞ୍ଜନ ସାହୁ, ବିଦ୍ୟାଧର ସାହୁ, ଜୁଲ୍‌ଫୁକର ଅଲ୍ଲୀ ଏବଂ ସମସ୍ତ ସ୍ଥାନୀୟ ଯୁବ ଗୋଷ୍ଠୀ ଓ କମିଟିର ସଦସ୍ୟ ରକ୍ତଦାନ କାର୍ଯ୍ୟରେ ସାମିଲ ହୋଇ ରକ୍ତଦାନ କରିଥିଲେ। ଭଦ୍ରକ ଜିଲା ଚିକିତ୍ସାଳୟ ରକ୍ତଭଣ୍ଡାରର କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

# ପ୍ରତିଯୋଗୀଙ୍କୁ ମିଳିଲା ତୁଳସୀ ଗଛ

## ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ ସମାରୋହ

ଭଣ୍ଡାରିପୋଖରୀ, ୧୫।୯(ଡି.ଏନ୍.ଏ.)


ଛାତ୍ରୀଛାତ୍ରଙ୍କୁ ବଣ୍ଟାଯାଇଥିବା ତୁଳସୀ ଗଛ।

ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଷୋଳମପୁର ପଞ୍ଚାୟତ ସ୍ଥିତ ବରାହ ନୂଆପଡା ଗ୍ରାମରେ ଭାଗବତ ଜନ୍ମ ଅବସରରେ ଜୟ ଜଗନ୍ନାଥ ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଥିଲା। ପ୍ରଭାତରେ ଗୀତାଯଜ୍ଞ, ହୋମଯଜ୍ଞ, ଭାଗବତ ପଠନ କରାଯାଇ ଘଟପୂଜନ କରାଯାଇଥିଲା। ଭାଗବତ ଟୁଙ୍ଗି ପକ୍ଷରୁ ବ୍ଲକସ୍ତରୀୟ ଚିତ୍ରାଙ୍କନ, ପ୍ରବନ୍ଧ, ତର୍କ, ସଙ୍ଗୀତ, ଶୃଙ୍ଖଳା ଜଗନ୍ନାଥ ସମ୍ପର୍କିତ ଅପରାହ୍ଣରେ ଏକ ସଚେତନତା କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ତୁଳସୀ ଚାରା ବଣ୍ଟନ କରାଯାଇ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ହରିହାଟ ଓ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

ସମ୍ପାଦକ ମହାରାଜ ଦେବୀ ପ୍ରସାଦ ବେଉରିଆଙ୍କ ସଞ୍ଚାଳନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫୁଲ୍ଲ ନାୟକଙ୍କ ପୌରୋହିତ୍ୟର ଅନୁଷ୍ଠିତ ସଭାରେ ଆଧ୍ୟାତ୍ମିକ ଗୁରୁନାରାୟଣ ଚନ୍ଦ୍ର ଦାଶ ମୁଖ୍ୟଅତିଥି, ପଣ୍ଡିତ ନବକିଶୋର ଅଧିକାରୀ ମୁଖ୍ୟବକ୍ତା, ପବନ କୁମାର ନାୟକ, ବିଶ୍ୱମ୍ଭର ରାଉତ, ପଦ୍ମଲାଭ ବେଉରିଆ, ରମେଶ ଚନ୍ଦ୍ର ରାଉତ, ନବକିଶୋର ପରିଡା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଓ ସଂସ୍କାର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଭାଗବତ ପଠନ ଦ୍ୱାରା ମାନସିକ ଶାନ୍ତି ମିଳିଥାଏ ବୋଲି ଅତିଥିମାନେ କରିଥିଲେ। ସନ୍ତୋଷ ପୁହାଣ, ବିଚିତ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ଅନ୍ୱେଷଣ

ଧାମନଗର ୧୫।୯(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ସରକାରୀ ହାଇସ୍କୁଲ ପରିସରରେ ପୂର୍ବତନ ଜିଲାପାଳ ଶ୍ରୀକାନ୍ତ ପାଇକରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲା ସ୍ତରୀୟ ମେଧା ପୁରସ୍କାର ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେନାପତିଙ୍କ ଅଧକ୍ଷତାରେ ସମାରୋହକୁ ବାସୁଦେବପୁରର 'ଶହୀଦ ତୀର୍ଥ ଯାତ୍ରୀ' ସଭାପତି ତ୍ରୈଲୋଚନ ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିତ ନିରାକାର ଧଳ, ମହେଶ୍ୱର ସ୍ୱାଇଁ, ପୁରୁଷୋତ୍ତମ ଧଳ, ଶରତ କୁମାର ବାରିକ, ମନୋଜ କୁମାର ସିଂ ପ୍ରମୁଖ ଯୋଗଦେଇ ଶିଶୁ ପ୍ରତିଭା ଅନ୍ୱେଷଣ ଦ୍ୱାରା ବିକଶିତ ପ୍ରତିଭା ଚୟନ ସମ୍ଭବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ହେମେନ୍ଦ୍ର ନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ମନୋଜ କୁମାର ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସାଧାରଣ ଜ୍ଞାନ, ବକ୍ତୃତା,ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାକୁ ଶିକ୍ଷକ ଭାସ୍କର ଚନ୍ଦ୍ର ଦାସ, ଅଭିମନ୍ୟୁ ଶଙ୍ଖୁଆ, ପ୍ରିୟଦର୍ଶୀ କୁଁଅର ପ୍ରମୁଖ ପରିଚାଳନା କରିଥିଲେ।

# ତପୋବନର ତପସ୍ୱୀ ଥିଲେ ଲକ୍ଷ୍ମୀନାରାୟଣ

ଭଦ୍ରକ ଅଫିସ, ୧୫।୯

ତପୋବନର ତପସ୍ୱୀ ଥିଲେ ଲକ୍ଷ୍ମୀନାରାୟଣ। ତାଙ୍କର ଅନୁବାଦ ସାହିତ୍ୟ ଥିଲା ଭିନ୍ନ ଓ ଅନନ୍ୟ। ଏହା କାଳକାଳକୁ ଜିଇଁ ରହିବ ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଭଦ୍ରକର ସଂସ୍କୃତି ଭବନଠାରେ ଶନିବାର ଅପରାହ୍ଣରେ ଆୟୋଜିତ ଯୁବସାହିତ୍ୟ ଏବଂ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ସାହିତ୍ୟାଲୋଚନା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଭୟ କାର୍ଯ୍ୟକ୍ରମରେ ଏକାଡେମୀର କୋଲକାତା ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡ. ମିହିର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶକୁନ୍ତଳା ବଳିଆରସିଂହ, ଡ. ବ୍ରଜମୋହନ ମିଶ୍ର ଓ ପବିତ୍ର ପାଣିଗ୍ରାହୀ ପ୍ରମୁଖ ଅନ୍ୟତମ ବକ୍ତା ରୂପେ ଯୋଗଦେଇ ବହୁମୁଖୀ ସୃଜନ ପ୍ରତିଭାର ଅଧିକାରୀ ଲକ୍ଷ୍ମୀନାରାୟଣଙ୍କ ସାରସ୍ୱତ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନର ଯୁବସାହିତ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବେ କୈଳାସ ବେହେରା, କିଶୋର ପାଣିଗ୍ରାହୀ ଓ ସଞ୍ଜୟ ଜୟସିଂହ ପ୍ରମୁଖ ସ୍ୱରଚିତ ଗଳ୍ପ ଓ କବିତା ପାଠ କରିଥିଲେ। ପ୍ରଥମ ପର୍ବରେ କଥାକାର ପବିତ୍ର ପାଣିଗ୍ରାହୀ ଓ ଆଲୋଚନା ସଭାରେ ଅଭିଜିତ୍ ନାୟକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ଭଦ୍ରକର ସଂସ୍କୃତି ଭବନରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

# ସିଡିପିଓଙ୍କ ଅଫିସରୁ ଇନଭର୍ଟର, ବ୍ୟାଟେରି ଚୋରି

ଭଣ୍ଡାରିପୋଖରୀ, ୧୫।୯ (ଡି.ଏନ୍.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବିଭିନ୍ନ ଦୋକାନ ଓ ମନ୍ଦିରରୁ ତାଲା ଭାଙ୍ଗି ଚୋରି କରିବାପରେ ଶନିବାର ରାତିରେ ଭଣ୍ଡାରିପୋଖରୀ ବ୍ଲକ ପରିସରରେ ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ତାଲା ଭାଙ୍ଗି ଚୋରମାନେ ଇନଭର୍ଟର, ବ୍ୟାଟେରି ଚୋରି କରି ନେଇଛନ୍ତି। ଏ ସମ୍ପର୍କରେ ସିଡିପିଓ ନିର୍ଝରିଣୀ ରାଉତ ରବିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ମାର୍ଚ୍ଚ ମାସରେ ଏହି କାର୍ଯ୍ୟାଳୟରୁ ମଧ୍ୟ ଇନଭର୍ଟର, ବ୍ୟାଟେରି ଚୋରି ହୋଇଥିଲା।

# ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ସଂଘର ଜିଲା ସମ୍ମିଳନୀ

ଭଦ୍ରକ ଅଫିସ, ୧୫।୯

ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ୍ ସଂଘ ଭଦ୍ରକ ଶାଖାର ୧୧ତମ ଜିଲା ସମ୍ମିଳନୀ ଭାଗବତ କଲ୍ୟାଣ ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଡା. ହରେକୃଷ୍ଣ ନାୟକ ଯୋଗ ଦେଇଥିବା ବେଳେ ରାଜ୍ୟ ଉପସଭାପତି ବିଜୟକୃଷ୍ଣ ଦାସ ମୁଖ୍ୟଅତିଥି, ରାଜ୍ୟ ସମ୍ପାଦକ ବୈକୁଣ୍ଠନାଥ ସାହୁ ମୁଖ୍ୟବକ୍ତା, ଡ. ରବୀନ୍ଦ୍ର କୁମାର ନାୟକ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ବାମଦେବ ମିଶ୍ର, ଦିବ୍ୟସିଂହ ନାୟକ, ସଂଘର ଉପଦେଷ୍ଟା ବିଶ୍ୱନାଥ ଓଝା ଓ ଅମରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସଂଘର କାର୍ଯ୍ୟକ୍ରମ, ଅଗ୍ରଗତି ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ପୁରାତନ ସାଥୀ ବିଶ୍ୱନାଥ ଓଝା ଓ ପୂର୍ବତନ ସଭାପତି ଅମରେନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ବର୍ଷ ପାଇଁ ସଭାପତି ଭାବେ ଦେବକାନ୍ତ ରାଉତ, ଉପସଭାପତି ଭାବେ ଲାଲାଲଳିତ ନାୟକ, ସମ୍ପାଦକ ଭାବେ ନିର୍ମଳ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ଭାବେ ପରେଶ ଦାସ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅଶୋକ କୁମାର ସାହୁ, ବ୍ରିଜେଶ କୁମାର ଦାସ, ସିତାଂଶୁ ଶେଖର ମିଶ୍ର, ଜିତେନ୍ଦ୍ର ନାୟକ, ସୌମ୍ୟରଞ୍ଜନ ସାହୁ, କାର୍ତ୍ତିକ ପୃଷ୍ଟି, ଧର୍ମେନ୍ଦ୍ର ବାରିକ, ପ୍ରକାଶ ପଣ୍ଡା, ଅମିତ କୁମାର ଜେନା ମନୋନୀତ ହୋଇଥିଲେ।



ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ଭିତ୍ତିଭୂମି ଥାଇ ଉଧଉନି ଫୁଲଚାଷ

ଭଦ୍ରକ ଅଫିସ, ୧୫।୯

- ଦିନକୁ ବିକ୍ରି ହେଉଛି ଶହେ କେଜି ଫୁଲ
- ଚାହିଦାର ମାତ୍ର ୧୦ ଭାଗ ଉତ୍ପାଦନ ହେଉଛି
- କଲିକତା ମେଣ୍ଟାଉଛି ଫୁଲର ଚାହିଦା

ଭଦ୍ରକ ଜିଲାରେ ଉପଯୋଗୀ ମୃତ୍ତିକା, ଜଳବାୟୁ ଏବଂ ଭିତ୍ତିଭୂମି ଥିଲେ ମଧ୍ୟ ଫୁଲଚାଷର ବିକାଶ ହୋଇପାରୁ ନାହିଁ। ଚାଷୀମାନେ ସଚେତନ ନ ଥିବା ଏବଂ ପ୍ରୋତ୍ସାହନ ଅଭାବ ଭଳି ବିଭିନ୍ନ କାରଣରୁ ଏହି ଚାଷ ଉଧଉନାହିଁ। ବାହାଘର, ବ୍ରତଘର, ଶ୍ରାଦ୍ଧବାର୍ଷିକୀ ଏପରିକି ପର୍ବପର୍ବାଣି ସମୟରେ ପଶ୍ଚିମବଙ୍ଗର କଲିକତାରୁ ଅଣାଯାଉଥିବା ଫୁଲ ଉପରେ ନିର୍ଭର କରିବାକୁ ପଡୁଛି।

ଉଦ୍ୟାନ ବିଭାଗ ତଥ୍ୟ ଅନୁଯାୟୀ ଭଦ୍ରକ ଜିଲାରେ ଦୈନିକ ବିଭିନ୍ନ କିସମର ୧୦୦ କେଜି ପର୍ଯ୍ୟନ୍ତ ଫୁଲର ଚାହିଦା ରହିଛି। ବାର୍ଷିକ ଚାହିଦା ପ୍ରାୟ ୩୬୦ କୁଇଣ୍ଟାଲ। ଜିଲାର ବାସୁଦେବପୁର, ଧାମନଗର, ବନ୍ତ ଓ ଭଦ୍ରକର ହାତଗଣତି ଚାଷୀ ଫୁଲଚାଷ କରୁଛନ୍ତି। ଭଦ୍ରକ ନିକଟସ୍ଥ ବଣିଆ, ଗେଲଟୁଆ, ଜଳଙ୍ଗା ଅଞ୍ଚଳର କେତେକ ଚାଷୀ ଫୁଲଚାଷକୁ ଆପଣେଇଛନ୍ତି। ଜିଲାରୁ କମ୍ ଫୁଲ ଉତ୍ପାଦିତ ହେଉଥିବାରୁ ଏହା ଚାହିଦା ମେଣ୍ଟାଇପାରୁ ନାହିଁ। ଫଳରେ ବେପାରୀମାନେ କଲିକତାରୁ ବିଭିନ୍ନ ଫୁଲ ଆଣି ବଜାରରେ ବିକ୍ରି କରୁଛନ୍ତି। ବର୍ଷସାରା ଆମକୁ ଫୁଲ ପାଇଁ କଲିକତା ଉପରେ ନିର୍ଭର କରିବାକୁ ପଡୁଛି କୁହନ୍ତି, ଫୁଲ ବ୍ୟବସାୟୀ ଅରୁଣ।

ଫୁଲଚାଷରେ ଭଦ୍ରକ ଜିଲା ବହୁ ପଛରେ ପଡ଼ିଛି। ଏହି ଚାଷର ବିକାଶ ଲାଗି ସରକାରୀ ସ୍ତରରେ ଯୋଜନା ହେଉ ନାହିଁ କି ଚାଷୀଙ୍କ ଦାବି ରହୁନି। ଜିଲାରେ ବିଭିନ୍ନ ସମୟରେ ବିଭିନ୍ନ ମେଳା ଆୟୋଜନ କରାଯାଉଛି। ମାତ୍ର ପୁଷ୍ପ ପ୍ରଦର୍ଶନୀ ମାଧ୍ୟମରେ ଫୁଲଚାଷ ପ୍ରତି ଚାଷୀଙ୍କୁ ଆକୃଷ୍ଟ କରିବା ଲାଗି ଏଯାଏ ଠୋସ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇନାହିଁ। ଏହି ଚାଷ ପାଇଁ ସଚେତନତା ସୃଷ୍ଟି, ତାଲିମ ଏବଂ ସରକାରୀ ପ୍ରୋତ୍ସାହନ କାଗଜ କଲମରେ ସୀମିତ ରହୁଛି। ଦୈନିକ ଆବଶ୍ୟକ ପଡୁଥିବା ଫୁଲରୁ ପ୍ରାୟ ୧୦ ଭାଗ ଜିଲାରୁ ଉତ୍ପାଦିତ ହେଉଥିବା କୁହାଯାଉଛି। ଫୁଲ ବ୍ୟବସାୟୀଙ୍କ ସୂତ୍ରରୁ ଜଣାଯାଇଛି ଯେ, କଲିକତାର କୋଲାଘାଟ ବଜାରରୁ ଭଦ୍ରକ ସହରକୁ ଦୈନିକ ୨୫ରୁ ଊର୍ଦ୍ଧ୍ୱ ପ୍ରକାର ଫୁଲ ଆସୁଛି। ଗୋଲାପ, ରଜନୀଗନ୍ଧା, ଗେଣ୍ଡୁଫୁଲ



ଅଧିକ ବିକ୍ରି ହେଉଛି। ଫୁଲ ସାଙ୍ଗକୁ ସାଜସଜା ପାଇଁ ବିଭିନ୍ନ କିସମର ପତ୍ର ଏରିଗା, ଘୋଡା, ବଟର, ପାରାଗାଷ୍ଟ ଜାତୀୟ ପତ୍ର ବାହାରୁ ଅଣାଯାଉଛି। ଜିଲାରେ ଫୁଲ ଉତ୍ପାଦନ କମ୍ ଥିବାରୁ ବାହାଘର ସିଜନରେ ଫୁଲର ଦାମ ଅଧିକ ରହୁଛି। ଏ ସମ୍ପର୍କରେ ସହକାରୀ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଉର୍ମିଳା ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ଫୁଲଚାଷ ପ୍ରତି ଚାଷୀମାନେ ଆକୃଷ୍ଟ ହେବା ଦରକାର। ଚାଷପ୍ରଣାଳୀ ଜାଣି ଏହାର ରକ୍ଷଣାବେକ୍ଷଣ ପ୍ରତି ଯତ୍ନବାନ ହେଲେ ଏହି ଚାଷ କରି ଚାଷୀ ଲାଭବାନ ହୋଇପାରିବେ।

ଫୁଲ ବ୍ୟବସାୟୀ ରାଜେନ୍ଦ୍ର ସାହୁ କହିଛନ୍ତି, ଫୁଲ ବ୍ୟବସାୟ ଲାଭଦାୟକ। ସତର୍କତାର ସହ ଏହି ବ୍ୟବସାୟ କରିବାକୁ ପଡେ। କାରଣ ଦିନେ ଦୁଇଦିନ ଭିତରେ ଫୁଲ ସଡିଗଲେ ଡଷ୍ଟବିନ୍‌ରେ ପକାଇବା ଛଡା ଆଉ କିଛି ବାଟ ନ ଥାଏ। ସ୍ଥାନୀୟ ପୌରପାଳିକା ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ଫୁଲବଜାର କରାଗଲେ ଏହା ଜିଲାରେ ଫୁଲ ଚାଷର ବିକାଶ ଲାଗି ପ୍ରେରଣାଦାୟକ ହୁଅନ୍ତା ବୋଲି ଅନ୍ୟ ଜଣେ ବ୍ୟବସାୟୀ କହିଛନ୍ତି।



ମେଡ଼ିକାଲ କଲେଜ ହସ୍ପିଟାଲ ଭାବେ କାର୍ଯ୍ୟ କରୁଥିବା ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟ ଟିକେଟ୍ କାଉଣ୍ଟରରେ ରୋଗୀଙ୍କ ଲମ୍ବା ଧାଡ଼ି।

# ବଢ଼ୁଛି ରୋଗୀଙ୍କ ଭିଡ଼, ବ୍ୟବସ୍ଥା ନାହିଁ

- ଡାକ୍ତର, କର୍ମଚାରୀ ଅଭାବ
- ନାହାନ୍ତି ଆବଶ୍ୟକ ସଫେଇ କର୍ମଚାରୀ

**ବାଲେଶ୍ୱର ଅଫିସ,୧୫।୯(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତର, କର୍ମଚାରୀ, ପାରାମେଡିକାଲ ଷ୍ଟାଫ୍‌ଙ୍କ ଅଭାବ ରହିଛି। ଏଠାକୁ ଆସୁଥିବା ରୋଗୀମାନେ ଉପଯୁକ୍ତ ଚିକିତ୍ସା ସେବା ପାଇପାରୁନାହାନ୍ତି। ରୋଗୀମାନେ ଡାକ୍ତରଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଜିଲା ସମେତ ପଶ୍ଚିମବଙ୍ଗରୁ ଦିନକୁ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଟିକେଟ କାଉଣ୍ଟରରେ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ପୁରୁଷ ଓ ମହିଳାଙ୍କ ପାଇଁ ଟିକେଟ କାଉଣ୍ଟର ଖୋଲା ରହୁଥିବା ବେଳେ ବୟସ୍କ ଏବଂ ଦିବ୍ୟାଙ୍ଗଙ୍କ ନିମନ୍ତେ ଥିବା ଟିକେଟ କାଉଣ୍ଟର କର୍ମଚାରୀ ଅଭାବ ଯୋଗୁ ବନ୍ଦ ରହୁଛି। ଏହାସହ ଆବଶ୍ୟକ ସଫେଇ କର୍ମଚାରୀ ନ ଥିବାରୁ ବିଭିନ୍ନ ସ୍ଥାନରେ ମଇଳା ଓ ଅପରିଷ୍କାର ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପରିମଳ ବ୍ୟବସ୍ଥା ନ ସୁଧାରିଲେ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି।

ଏହି ହସ୍ପିଟାଲରେ ୩ଶହ ଡାକ୍ତର ଆବଶ୍ୟକତା ଥିବା ବେଳେ ମାତ୍ର ଅଛନ୍ତି ୧୮୦ଜଣ। ନୂତନ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଅଲଗା ଅଲଗା ସ୍ଥାନରେ ଥିବାରୁ ଡାକ୍ତରୀ ଶିକ୍ଷା କରୁଥିବା ଛାତ୍ରୀଛାତ୍ରଙ୍କ ପ୍ରାକ୍ଟିକାଲ କରିବା ଲାଗି ସମସ୍ୟା ସୃଷ୍ଟି ହେଉଛି। ସରକାରଙ୍କ ସମସ୍ତ ଅନୁଦାନ ମୁଖ୍ୟ ଚିକିତ୍ସାଳୟ ପାଇଁ ଖର୍ଚ୍ଚ ହେଉଥିବାରୁ ମେଡ଼ିକାଲ କଲେଜ ଅବହେଳିତ ହେଉଛି। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ କରିଲେ ଏହି ସମସ୍ୟା ଦୂର ହୋଇପାରିବ ନାହିଁ। ଏ ସମ୍ପର୍କରେ 'ବାଲେଶ୍ୱର ସ୍ୱାସ୍ଥ୍ୟ ବିକାଶ ସମିତି' ପକ୍ଷରୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୋଗ (ଆର୍‌ଡ଼ିସି) କାର୍ଯ୍ୟାଳୟରେ ଆର୍‌ଡ଼ିସି ଅନିଲ କୁମାର ସାମଲ, କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଫକୀରମୋହନ ମେଡ଼ିକାଲ କଲେଜ ଡିନ୍ ଡା. ପ୍ରତାପ ରଥ, ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧୀର କୁମାର ଘୋଷ ପ୍ରମୁଖଙ୍କ ଉପସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହାର ସମାଧାନ ପାଇଁ ଯଥାଶୀଘ୍ର ପଦକ୍ଷେପ ନ ନେଲେ ଅବସ୍ଥା ସୁଧୁରିବା କଷ୍ଟକର ହୋଇପଡିବ।

୨୦୧୮ ସେପ୍ଟେମ୍ବର ୩ ତାରିଖ ଫକୀରମୋହନ ମେଡ଼ିକାଲ କଲେଜ ଶୁଭାରମ୍ଭ ହୋଇଥିଲା। ୧୦୦ ସିଟ୍ ବିଶିଷ୍ଟ ଉକ୍ତ ମେଡ଼ିକାଲ କଲେଜର ରାଜ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ୮୫ଟି ସିଟ୍ ଓ ସର୍ବଭାରତୀୟସ୍ତରରେ ୧୫ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷିତ ରହିଛି। ୨୦୧୮-୧୯ ଶିକ୍ଷାବର୍ଷରେ ୯୯ଜଣ ଛାତ୍ରୀଛାତ୍ର ନାମ ଲେଖାଇ ଥିବାବେଳେ ଚଳିତବର୍ଷ ୧୦୦ରୁ ୧୦୦ ଯାକ ସିଟ୍‌ରେ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ମେଡ଼ିକାଲ କଲେଜ ଏବଂ ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମିକୁ ସୁଦୃଢ଼ ନ କଲେ ଜିଲାବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହିବେ।

ଫକୀରମୋହନ ମେଡ଼ିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧୀର କୁମାର ଘୋଷ କହନ୍ତି, ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ 'ବାଲେଶ୍ୱର ସ୍ୱାସ୍ଥ୍ୟ ବିକାଶ ସମିତି' ଗଠନ କରାଯାଇ ପ୍ରଥମଥର ପାଇଁ ନୀତିନିୟମ ପ୍ରସ୍ତୁତ କରାଯାଇଛି। ଏହା ମାଧ୍ୟମରେ ମେଡିକାଲ କଲେଜର ଥିବା ସମସ୍ତ ଅସୁବିଧା, ସୁବିଧା ସହଜରେ ସମାଧାନ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି।

# ବୃଦ୍ଧାଶ୍ରମ, ଦୃଷ୍ଟିହୀନ ବିଦ୍ୟାଳୟକୁ ସେବା ପ୍ରଦାନ

**ବାଲେଶ୍ୱର ଅଫିସ, ୧୫।୯**

ବାଲେଶ୍ୱର ଋଣ ସମବାୟ ସମିତି ଓ ପ୍ରୁଫ୍ କର୍ମଚାରୀ ଆନୁକୂଲ୍ୟରେ ରବିବାର ଅମୃତଧାରା ବୃଦ୍ଧାଶ୍ରମ ଓ ଦୃଷ୍ଟିହୀନ ବିଦ୍ୟାଳୟଠାରେ ସେବା ପ୍ରଦାନ ଏବଂ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଦୀପକ କୁମାର ଦାସଙ୍କ ନେତୃତ୍ୱରେ ସହଦେବଖୁଣ୍ଟାସ୍ଥିତ ଅମୃତଧାରା ବୃଦ୍ଧାଶ୍ରମ ପରିସରରେ ସଫେଇ କାର୍ଯ୍ୟ କରାଯିବା ସହ ବୃଦ୍ଧାଶ୍ରମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମିତି ତରଫରୁ ଏକ ୱାଶିଂ ମେଶିନ ପ୍ରଦାନ କରାଯାଇଛି। ଏଥିସହିତ ବଣିଆମନ୍ଦିରସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟକୁ ୫ଟି ଫ୍ୟାନ୍ ପ୍ରଦାନ କରାଯାଇଛି। ଉପସଭାପତି ପିଙ୍କି ସିଂ, ସମ୍ପାଦକ ପୁରୁଜିତ କର, ସହସମ୍ପାଦକ ଗୀତିମୟ ମୁଖୀ, କୋଷାଧ୍ୟକ୍ଷ ଉପେନ୍ଦ୍ର ନାଥ ପ୍ରଧାନ ଏବଂ ସମିତିର ବହୁ ସଦସ୍ୟ ଏଥିରେ ସାମିଲ ଥିଲେ। ଏହି ଅବସରରେ ସହଦେବଖୁଣ୍ଟା ଉନ୍ନୟନ ପରିଷଦ ଓ ଅମୃତଧାରା ବୃଦ୍ଧାଶ୍ରମ ପରିଚାଳନା ପରିଷଦର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ସମିତିର ଏହି ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।




ବୃଦ୍ଧାଶ୍ରମକୁ ୱାଶିଂ ମେଶିନ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଚନ୍ଦନବୋଡା ସାପ ଉଦ୍ଧାର



**ସଜନାଗଡ଼,୧୫।୯(ଡି.ଏନ.ଏ.)**-ନୀଳଗିରି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୋପ ଗ୍ରାମର ରବୀନ୍ଦ୍ର ଦାସଙ୍କ ବାଡ଼ିରେ ରବିବାର ପୂର୍ବାହ୍ନରେ କେତେକ ଶ୍ରମିକ କାମ କରୁଥିବା ବେଳେ ସଁ ସଁ ଗର୍ଜନ ଶବ୍ଦ ଶୁଣିଥିଲେ। ପରେ ସେମାନେ ଟୁରିଷ୍ଟ ଗାଇଡ୍ ମନୋରଞ୍ଜନ ଦାସଙ୍କୁ ଫୋନ୍ କରି ଜଣାଇବା ପରେ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ସେ ୬ଫୁଟ୍ ଲମ୍ବର ଏକ ଚନ୍ଦନବୋଡା ସାପକୁ ଉଦ୍ଧାର କରିଥିଲେ। ପରେ ଦାସ ଉକ୍ତ ସାପକୁ ପଞ୍ଚଲିଙ୍ଗେଶ୍ୱର ପାହାଡ଼ ଅଧୀନ ଦେବଗିରି ପାହାଡ଼ରେ ଛାଡ଼ି ଦେଇଛନ୍ତି।

### ଭାଜପା ପକ୍ଷରୁ ସେବା ସପ୍ତାହ

**ସୋର,୧୫।୯(ଡି.ଏନ.ଏ.)**-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସନ୍ତା ୧୭ ତାରିଖ ଜନ୍ମଦିନ ଉପଲକ୍ଷେ ସୋର ଭାଜପା ପକ୍ଷରୁ ସେବା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଭାଜପା ନେତା ରାକେଶ ମଲ୍ଲିକଙ୍କ ନେତୃତ୍ୱରେ କର୍ମୀମାନେ ସୋର ପୌରପରିଷଦ ଅନ୍ତର୍ଗତ ଆଦିବାସୀ ବସ୍ତି ଦଙ୍ଗଲଗଡ଼ିଆ ଓ ସୋର ଷ୍ଟେଶନ ପରିସରରେ ସଫେଇ କରିବା ସହିତ ସ୍ୱଚ୍ଛତା ସମ୍ପର୍କରେ ଲୋକମାନଙ୍କୁ ସଚେତନତା କରିଥିଲେ। ଏହାପରେ ସୋର ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୀଷା ଚିନ୍ମୟୀ ବେହେରା, ମିହିର ପାଣି, କାହ୍ନୁଚରଣ ବେହେରା, ରାଜାରାମ ମହାପାତ୍ର, ସଂଜୀବ ରାଉଳ, ଜ୍ଞାନେନ୍ଦ୍ର ଉପାଧ୍ୟାୟ, ପୁରଞ୍ଜନ ପଣ୍ଡା, ହରିକିଶନ ଗୁପ୍ତା, ସିଦ୍ଧାର୍ଥ ଶଙ୍କର ବେହେରା, ସୁବ୍ରତ ସାହୁ, ମନୋରମା ମଳିକ, ପୂଜା ତରେଇ, ବାସନ୍ତୀ ମହାଳିକ, ସୁଷମା ବିଶ୍ୱାଳ, ପ୍ରଫୁଲ୍ଲ ରାଉତ, ବଦ୍ରୀ ମହାନ୍ତି, ରବୀନ୍ଦ୍ର ବାରିକ, ସସ୍ମିତା ଦାସ, ପାର୍ବତୀ ବେହେରା, ଉମାକାନ୍ତ ମଳିକ, ଶଙ୍କର୍ଷଣ ସେଠୀ, ଦାଶରଥି ମହାଳିକ, ରଞ୍ଜନ ମଳିକ, ରୁକ୍‌ସାନା ବିବି, ସଞ୍ଜୁଲତା ମଳିକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଜିଲା ସେବା ସପ୍ତାହର ସଂଯୋଜକ ମାୟାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଦାବି ନେଇ ରାସ୍ତା ଅବରୋଧ

**ଖଇରା, ୧୫।୯(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ଖଇରା ତହସିଲ ଗଡପୋଖରୀ ପଞ୍ଚାୟତ ଅଧୀନ ଗାଭର ଓ କୁଟୀରପାଳ ଗ୍ରାମର ଶତାଧିକ ବାସିନ୍ଦା ରବିବାର କୁପାରୀ ବଗେଇପୁର ରାସ୍ତାକୁ ଗାଭର ନିକଟରେ ଅବରୋଧ କରିଥିଲେ। ଫଳରେ ଦିନତମାମ ଶହ ଶହ ସଂଖ୍ୟାର ଟ୍ରକ ରାସ୍ତାରେ ଅଟକି ରହିଛି।

ଶନିବାର ଗ୍ରାମବାସୀଙ୍କୁ ସରପଞ୍ଚ ଓ ତାଙ୍କର ସମର୍ଥକ ମାଡ ମାରିଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଓଭରଲୋଡିଂକୁ ବନ୍ଦ କରିବା, ରାସ୍ତା ମରାମତି କରାଯିବା, ୱାଗନ ବ୍ଲାଷ୍ଟିଂ ବନ୍ଦ କରା ନ ଯିବା ପର୍ଯ୍ୟନ୍ତ ସେମାନେ ରାସ୍ତା ଉପରେ ଧାରଣାରେ ବସିରହିବେ ବୋଲି ଗ୍ରାମର ଭୀମସେନ ମହାକୁଡ, ମନୁ ମହାକୁଡ, ପ୍ରଫୁଲ୍ଲ ବାରିକ, ସୁଲୋଚନା ମହାକୁଡ, ଶାନ୍ତିଲତା କୁସୁମାଳିଆ, ବାସନ୍ତୀ ମହାକୁଡ କହିଛନ୍ତି। ପ୍ରକାଶ ଯେ, ଶନିବାର ଗାଭର ନିକଟରେ ଟ୍ରକ ଅଟକାଇବାକୁ ନେଇ ଗ୍ରାମବାସୀ ଓ ଗାଡି ଡ୍ରାଇଭରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଡ୍ରାଇଭରଙ୍କୁ ସମର୍ଥନ କରି ସରପଞ୍ଚ ଓ ତାଙ୍କର ସମର୍ଥକମାନେ ଅରୁଣ ମହାକୁଡ ନାମକ ଯୁବକଙ୍କୁ ମାଡ ମାରି ଆହତ କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଗ୍ରାମବାସୀଙ୍କ ତରଫରୁ ରାସ୍ତା ଅବରୋଧ କରାଯାଇଛି। ପୋଲିସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପାଇଁ ଗ୍ରାମର କେତେକ ମୁଖିଆଙ୍କୁ ଡକାଇଛି। ପୋଲିସ ସେମାନଙ୍କ ନିକଟକୁ ଆସିବାକୁ ଗ୍ରାମବାସୀ ଜିଦ୍‌ରେ ଅଟଳ ଅଛନ୍ତି।

# ସୁନ୍ଦରପୁର ପୋଲ ଭାଙ୍ଗିଲା

## ବର୍ଷେ ପୂରିଲାନି



ଭାଙ୍ଗିଥିବା ପୋଲକୁ ମାଟି ପକାଇ ପୋତାଯାଉଛି।

**ଖଇରା,୧୫।୯(ଡି.ଏନ.ଏ.)**

ଖଇରା ବ୍ଲକର ସୁନ୍ଦରପୁର-ପାରିଖିମା ରାସ୍ତା ନିର୍ମାଣର ବର୍ଷେ ନ ପୂରଣୁ ସୁନ୍ଦରପୁର ନିକଟସ୍ଥ ପୋଲ ୧୫ଦିନ ତଳେ ଧୋଇ ହୋଇ ଯାଇଛି। ଏଥିଯୋଗୁ ସୁନ୍ଦରପୁର ସ୍କୁଲକୁ ଆସୁଥିବା ପିଲାମାନେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ପୋଲକୁ ନିର୍ମାଣ କରାଯିବା ପରିବର୍ତ୍ତେ ଶନିବାର ମାଟି ପକାଇ ପୋତିବାକୁ ଉଦ୍ୟମ କରାଯିବାରୁ ପାରିଖିମା, ଜୟିଗଡ, ତ୍ରିଶଳପୁର, ସୁନ୍ଦରପୁର ଗ୍ରାମର ବାସିନ୍ଦା ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ନୂତନ ପୋଲ ନିର୍ମାଣ କରାଯିବା ସହ ରାସ୍ତା ଓ ପୋଲ ନିର୍ମାଣକାରୀ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମର ରତ୍ନାକର ପାତ୍ର, ସୌଭାଗ୍ୟ ସାହୁ, ବାବାଜୀ ରାଉତ, ବିଶ୍ୱନାଥ ପାତ୍ର, କାଶିନାଥ ପାତ୍ର, ଗୋଲକ ଜେନା, ବାବୁ ଦାସ, କମଳାକାନ୍ତ ଜେନା ପ୍ରମୁଖ ଦାବି କରିଛନ୍ତି। ଅନ୍ୟଥା ଗ୍ରାମବାସୀ ଆନ୍ଦୋଳନରେ ବସିବାକୁ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ପାରିଖିମାକୁ ରାସ୍ତା ସମସ୍ୟା ଦୀର୍ଘଦିନ ଧରି ଲାଗି ରହିବା ପରେ ଗ୍ରାମବାସୀ ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ପାଇଁ ଧମକ ଦେଇଥିଲେ। ପରେ ଆରଡି ପକ୍ଷରୁ ଅନ୍ୟୂନ ୧କୋଟି ଟଙ୍କା ବ୍ୟୟରେ ରାସ୍ତା ଓ ପୋଲ ନିର୍ମାଣ କରାଯାଇଥିଲା। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ସପନ ଯେନାଙ୍କ ମତାମତ ନେବାରେ ଏହା ତାଙ୍କ ପୂର୍ବ ଯନ୍ତ୍ରୀଙ୍କ ସମୟରେ ହୋଇଥିଲା। ପୁଣି ଥରେ ବର୍ଷା ଛାଡିଲେ ପୋଲ ନିର୍ମାଣ କରାଯିବ ବୋଲି କହିଛନ୍ତି।

# 'ବାଣୀକ୍ଷେତ୍ର ହେଉ ବାଲେଶ୍ୱର'

## ସଂସ୍କୃତି ଭବନରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ବାଲେଶ୍ୱର ଅଫିସ,୧୫।୯**

ବାଲେଶ୍ୱର ମଲ୍ଲିକାଶପୁର ଶାନ୍ତିକାନନ ନିକଟସ୍ଥ ସଂସ୍କୃତି ଭବନରେ ରବିବାର ପୂର୍ବାହ୍ନରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ 'ଓଡ଼ିଆ ଭାଷା ଓ ସାହିତ୍ୟ ଆନ୍ଦୋଳନରେ ବାଲେଶ୍ୱର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଓଡ଼ିଆ କବି ଓ ସମାଲୋଚକ ହରପ୍ରସାଦ ଦାସ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟରେ ସୁରକ୍ଷା ଆନ୍ଦୋଳନରେ ବାଲେଶ୍ୱରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବହୁଦିନର ଦାବି ପରେ ଏହି ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ଏହାକୁ ଅଧିକ ସମୃଦ୍ଧି କରିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଦରକାର। ଜଗନ୍ନାଥଙ୍କ ପାଇଁ ପୁରୀ ସାରା ବିଶ୍ୱରେ ଯେଭଳି 'ଶ୍ରୀକ୍ଷେତ୍ର' ଭାବରେ ପରିଚିତ, ଠିକ୍ ସେହିପରି ଓଡ଼ିଆ ଭାଷା ପ୍ରତି ବାଲେଶ୍ୱରର ଅତୁଳନୀୟ ଅବଦାନ ଲାଗି ଏହାକୁ 'ବାଣୀକ୍ଷେତ୍ର ବାଲେଶ୍ୱର' ଭାବେ ନାମିତ କରାଯିବାର ଆବଶ୍ୟକତା ରହିଛି ବୋଲି ଦାସ କହିଥିଲେ।

କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଭ୍ୟ ବିଜୟାନନ୍ଦ ସିଂହ ଏଥିରେ ସଭାପତିତ୍ୱ କରିଥିଲେ। କୋଲକାତା ପୂର୍ବାଞ୍ଚଳ କାର୍ଯ୍ୟାଳୟ ସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ତରୁଣ କୁମାର ସାହୁ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଫକୀରମୋହନଙ୍କ ଅବଦାନକୁ ମନେପକାଇ ଅବିଭକ୍ତ ବାଲେଶ୍ୱରର କବି, ଲେଖକ ଓ ସାହିତ୍ୟିକମାନଙ୍କ ପାରଦର୍ଶିତା ଉପରେ ଆଲୋକପାତ କରିଥିଲେ। ପ୍ରଥମ ଅଧିବେଶନରେ ଅଭୟ ଦ୍ୱିବେଦୀ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶିରିଶ ଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ଭୂୟାଁ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅରବିନ୍ଦ ଗିରି, ରବୀନ୍ଦ୍ର ନାଥ ସାମଲ, ସାହିତ୍ୟ ଅକାଦେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିମଳ ଜେନା କବିତା ଓ ଗଳ୍ପ ପାଠ କରିଥିଲେ। ଅପରାହ୍ନରେ ଲେଖିକାମାନଙ୍କ ଦ୍ୱାରା କବିତା ଓ ଗଳ୍ପପଠନ କାର୍ଯ୍ୟକ୍ରମ 'ଅସ୍ମିତା' ଅନୁଷ୍ଠିତ ହୋଇଥିଲା। ଦୀପ୍ତି ଦାସ, ପୁଷ୍ପାଞ୍ଜଳି ନାୟକ, ସୈରିନ୍ଧ୍ରୀ ସାହୁ, ମୋନାଲିସା ମିଶ୍ର, କ୍ଷୀରୋଦିନୀ ବେହେରା ଏଥିରେ ଭାଗ ନେଇଥିଲେ।

# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ବାହାନଗା, ୧୫।୯(ଡି.ଏନ.ଏ.)**

ଖନ୍ତାପଡା ଥାନା ରେମୁଣା ବ୍ଲକର ମହାରାଜପୁର ଗ୍ରାମର ଥିବା ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତୀ ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ଜାନୁୟାରୀରେ ପାଳନ ହେବାକୁ ଥିବା ଏହି ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ଯୋଗ ଦେବେ। ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପ୍ରସ୍ତୁତି ବୈଠକରେ ଗୌରୀଶଙ୍କର ପଣ୍ଡା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଦୟାନିଧି ମହାପାତ୍ର, ଶ୍ୟାମସୁନ୍ଦର ଯେନା, ଲକ୍ଷ୍ମୀଧର ଦାଶ, ପିତାମ୍ବର ଦାସ, ପ୍ରବୋଧ ଚନ୍ଦ୍ର ଦାଶ, ପ୍ରାଣକୃଷ୍ଣ ମହାପାତ୍ର, ରାମଚନ୍ଦ୍ର ବେହେରା, ବିସ୍ମିତ ରଞ୍ଜନ ଦାସ, କିରଣ କୁମାର ପଣ୍ଡା, ମନୋଜ କୁମାର ପଣ୍ଡା, ଅଞ୍ଜନ କୁମାର ଲେଙ୍କା, ଜଳଧର ଜେନା ପ୍ରମୁଖ ଛାତ୍ରୀଛାତ୍ର ଯୋଗ ଦେଇ ଆଲୋଚନା କରିଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ତହସିଲଦାରଙ୍କୁ ଦୁର୍ବ୍ୟବହାର, ଗାଡ଼ି ଭାଙ୍ଗିଲେ

**ସଜନାଗଡ଼,୧୫।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମିତ୍ରପୁର କାଠପାଳ ଛକଠାରେ ଶନିବାର ରାତି ପ୍ରାୟ ୧୧ଟା ବେଳେ ୩ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ନୀଳଗିରି ତହସିଲଦାର ସୁଶ୍ରୀତା ଟୁଡୁ ଅଟକାଇଥିଲେ। ଏହାକୁ ନେଇ ଉକ୍ତ ସ୍ଥାନରେ ଗଣ୍ଡଗୋଳ ଉପୁଜିଥିଲା। ଲୋକେ ତହସିଲଦାରଙ୍କ କାର୍ଯ୍ୟକୁ ବିରୋଧ କରି ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ତହସିଲଦାରଙ୍କଠାରୁ ଛଡ଼ାଇ ନେଇ ରାସ୍ତା ପାର୍ଶ୍ୱରେ ଅନ୍‌ଲୋଡ୍ କରିଥିଲେ। ପରେ ୫୦ରୁ ୬୦ରୁ ଅଧିକ ଲୋକ ଏକଜୁଟ୍ ହୋଇ ତହସିଲଦାର ଭଡ଼ାରେ ନେଇଥିବା ଗାଡ଼ିକୁ ଭଙ୍ଗାରୁଜା କରିବା ସହିତ ଗାଡ଼ିରେ ଥିବା ଆର୍‌ଆଇଙ୍କ ସମେତ ଅନ୍ୟ କର୍ମଚାରୀମାନଙ୍କୁ ମାରପିଟ୍ କରିଥିବା ତହସିଲଦାର ସୁଶ୍ରୀତା ଟୁଡୁ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇଲା ପରେ ନୀଳଗିରି ଥାନାର ସବ୍-ଇନ୍ସପେକ୍ଟର ସସ୍ମିତା ମଲ୍ଲିକ କାଂଶ ପଞ୍ଚାୟତ କରଞ୍ଜିଆ ଗ୍ରାମର ସୁକାନ୍ତ ଚୌଧୁରୀକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ନୀଳଗିରି ଥାନାରେ ମାମଲା (ନଂ. ୨୨୦/୧୯) ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ସହର ସମସ୍ୟା ସୁଧାରିବାକୁ ଜିଲାପାଳଙ୍କୁ ଚିଠି

## ଆଗକୁ ଦୁର୍ଗାପୂଜା

**ବାଲେଶ୍ୱର ଅଫିସ,୧୫।୯**

ଆସୁଛି ଦୁର୍ଗାପୂଜା। ଏହାକୁ ଆଖି ଆଗରେ ରଖି ବାଲେଶ୍ୱର ସହରର ବିଭିନ୍ନ ସମସ୍ୟାକୁ ସମାଧାନ କରିବା ଲାଗି ସଦର ବିଧାୟକ ମଦନ ମୋହନ ଦତ୍ତ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପତ୍ର ଲେଖିଛନ୍ତି। ସହରର ଓ ଆଖପାଖ ରାସ୍ତାକୁ ତୁରନ୍ତ ପରିଦର୍ଶନ କରି ଦୁର୍ଗା ପୂଜା ଆଗରୁ ମରାମତି, ଲଘୁଚାପକୁ ଦୃଷ୍ଟିରେ ରଖି ସହରର ପ୍ରମୁଖ ନାଳ ଗୁଡ଼ିକୁ ଅନୁଧ୍ୟାନ କରିବା ସହ ଦୁର୍ଗାଙ୍କ ପୂଜାରେ ବର୍ଷା ଜଳ ଯେମିତି ନାଳ ଏବଂ ରାସ୍ତାରେ ଜମା ହୋଇ ଲୋକଙ୍କୁ କଷ୍ଟ ନ ଦିଏ ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତି ଆବଶ୍ୟକ ପଦକ୍ଷେପ ନେବାକୁ ବିଧାୟକ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାସହ ଷ୍ଟ୍ରିଟ୍ ଲାଇଟ୍ ମରାମତି, ପୂଜାରେ ମାର୍କେଟ୍ ଓ ଲୋକଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ ଟାସ୍କଫୋର୍ସ ଗଠନ କରି ଲୋକଙ୍କୁ ସୁବିଧା ଯୋଗାଇ ଦେବା, ସଠିକ୍ ଭାବେ ବିଦ୍ୟୁତ୍ ସରବରାହ ଯୋଗାଇବାକୁ ବିଧାୟକ ଦତ୍ତ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ସେବା, ବୃତ୍ତି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ

## ଇଞ୍ଜିନିୟର୍ସ ଦିବସ

**ବାଲେଶ୍ୱର ଅଫିସ, ୧୫।୯**

ବାଲେଶ୍ୱର ଇଞ୍ଜିନିୟର୍ସ ଫୋରମ୍ ତରଫରୁ ଏକ ଘରୋଇ ହୋଟେଲ ପରିସରରେ ରବିବାର ଦିବସବ୍ୟାପୀ ଭାରତର ପ୍ରଖ୍ୟାତ ଇଂ. ବିଶ୍ୱାସରାୟଙ୍କ ଜନ୍ମଦିନରେ ୫୨ତମ ଇଞ୍ଜିନିୟର୍ସ ଦିବସ ପାଳନ କରାଯାଇଛି। ପୂର୍ବାହ୍ନ ୮ଟାରେ 'ମୁକ୍ତିଦ୍ୱାର' ପରିସରରେ ବୃକ୍ଷ ରୋପଣ, ୯ଟାରେ ନବନିର୍ମିତ ଶୌଚାଳୟ ଉଦ୍‌ଘାଟନ, ସାଢ଼େ ୯ଟାରେ ଓଡ଼େଶା ବୈଷୟିକ ପାଠାଗାର ଉଦ୍‌ଘାଟନ, ୧୦ଟାରେ ଏକ ଘରୋଇ ହୋଟେଲ ପରିସରରେ ରକ୍ତଦାନ ଶିବିର, ୧୦ଟା ୩୦ରେ ବିଭିନ୍ନ ନୂତନ ବୈଷୟିକ କୌଶଳ ପ୍ରକଳ୍ପର ଉଦ୍‌ଘାଟନ, ଅପରାହ୍ନରେ ବୈଷୟିକ ଆଲୋଚନାଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ନୁଣିଆଯୋଡ଼ି ପୋଲସ୍ଥିତ 'ମୁକ୍ତିଦ୍ୱାର' ପରିସରରେ ଅନୁଷ୍ଠାନ ତରଫରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ନିର୍ମିତ ଶୌଚାଳୟକୁ ଫୋରମ୍ ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ ଉଦ୍‌ଘାଟନ କରିଥିଲେ। ଏଥିସହିତ ପୋଲିସ ଲାଇନ୍ ଛକ ନିକଟରେ ଓଡ଼େଶା ବୈଷୟିକ ପାଠାଗାରକୁ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ. ଶିବ ପ୍ରସାଦ ବେହେରା (ଗୃହ ଓ ଉନ୍ନୟନ ବିଭାଗ, ଓଡ଼ିଶା) ଉଦ୍‌ଘାଟନ କରିଥିଲେ। ଆଇଟିଆଇସ୍ଥିତ ଘରୋଇ ହୋଟେଲ ପରିସରରେ ଆୟୋଜିତ ରକ୍ତଦାନ ଶିବିରକୁ ଅନୁଷ୍ଠାନର ପ୍ରଥମ ସଭାପତି ଇଂ. ଧନଞ୍ଜୟ ବେହେରା ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଇଞ୍ଜିନିୟରିଂ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ୍ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ବୈଷୟିକ ଆଲୋଚନାଚକ୍ରରେ ଇଂ. ସଞ୍ଜୟ ଦାସ, ଇଂ. ହେମନ୍ତ ଜେନା, ଇଂ. ଅବନୀ ଚରଣ ପଣ୍ଡା, ଇଂ. ଅନନ୍ତ ନାରାୟଣ ବିଶୋଇ ଭାଗ ନେଇଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଫୋରମ୍‌ର ସଭାପତି ଦାସ ସଭାପତିତ୍ୱ କରିଥିବା ବେଳେ ଇଂ. ରମେଶ ଚନ୍ଦ୍ର ତ୍ରିପାଠୀ (ମୁଖ୍ୟଯନ୍ତ୍ରୀ, ଜଳସମ୍ପଦ ବିଭାଗ) ମୁଖ୍ୟଅତିଥି ଭାବେ ଯୋଗଦେଇ ସେବା ଓ ବୃତ୍ତିକୁ ଗୁରୁତ୍ୱ ଦେଲେ ଭବିଷ୍ୟତ ଗଠନରେ ସହାୟ ହୋଇଥାଏ ବୋଲି କହିଥିଲେ। ଇଂ. ଶଙ୍କର କ୍ରୀଷ୍ଣନ (ଅଥୋରାଇଜ୍‌ଡ ଅଫିସର, ନେସ୍କୋ ୟୁଟିଲିଟି), ସମ୍ପାଦକ ସ୍ୱାଗତ ବୋଷ, ଯୁଗ୍ମସମ୍ପାଦକ ହୃଷୀକେଶ ସାହୁ, ଉପସଭାପତି ଗୌରାଙ୍ଗ ଚରଣ ସାହୁ ଓ ଶଶାଙ୍କ ଶେଖର ଦେ, କୋଷାଧ୍ୟକ୍ଷ ସତ୍ୟେନ୍ଦ୍ର ମିଶ୍ର, ସଦସ୍ୟ ଇଂ. ନରନାରାୟଣ ପାଣିଗ୍ରାହୀ, ଇଂ. ସ୍ୱରୂପ ଚାନ୍ଦ, ଇଂ. ବିଜୟ ଦାସ, ଇଂ. ସନ୍ତୋଷ ଦାସ, ଇଂ. ସୁକୁମାର ନାୟକ ପ୍ରମୁଖ ମଞ୍ଚାସୀନ ରହି ଇଞ୍ଜିନିୟର୍ସମାନଙ୍କର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ଉତ୍ସବରେ ୧୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




ଶୌଚାଳୟ ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ୪ ଲକ୍ଷ ଟଙ୍କା ଲୁଟ ଘଟଣା: ଅଭିଯୁକ୍ତ ଗିରଫ

**ବଡବିଲ, ୧୫।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଉଲିବୁରୁସ୍ଥିତ ଶ୍ରୀ ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିଃ କାରଖାନାର ପାର୍କିଂ ସ୍ଥଳୀରେ ପରିବହନକାରୀ ମା' ସନ୍ତୋଷୀ ଟ୍ରାନ୍ସପୋର୍ଟ ସଂସ୍ଥାର କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ୪ ଲକ୍ଷ ଟଙ୍କା ଲୁଟ ଘଟଣାରେ ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନ୍ୟାଶନାଲ ଟ୍ରାନ୍ସପୋର୍ଟର କର୍ମଚାରୀ ଗିରିଧାରୀ ଶର୍ମା। ସୂଚନା ଥାଉକି, ଶ୍ରୀଜଗନ୍ନାଥ ଷ୍ଟିଲ କାରଖାନାରୁ ପରିବହନ ନିମନ୍ତେ ମା' ସନ୍ତୋଷୀ ଟ୍ରାନ୍ସପୋର୍ଟର କର୍ମଚାରୀମାନେ କାରଖାନା ନିକଟସ୍ଥ ପାର୍କିଂ ନିକଟରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୨ଟା ବେଳେ ବିଭିନ୍ନ ଭାରିଯାନ ଗୁଡିକୁ ଡେସପାଚ୍ ଅର୍ଡର ଓ ଚାଲାଣ ଦେଉଥିଲେ। ଏହି ସମୟରେ ହଠାତ୍ ନ୍ୟାଶନାଲ ଟ୍ରାନ୍ସପୋର୍ଟର କର୍ମଚାରୀ ଗିରିଧାରୀ ଶର୍ମା ନାମକ ଜଣେ ବ୍ୟକ୍ତି ସେଠାରେ ପହଞ୍ଚି ଗାଳିଗୁଲଜ କରି ମାଡ ମାରି ୪ ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟିନେଇଥିବା ନେଇ ଏତଲା ହୋଇଥିଲା। ଏ ନେଇ ବଡବିଲ ଥାନାରେ ଏକ ମାମଲା (ନଂ ୧୭୮/୧୯) ରୁଜୁ କରି ଗିରିଧାରୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

### ମାଜିଷ୍ଟ୍ରେଟ, ପୋଲିସ ଉପସ୍ଥିତିରେ ଚାବି ଭାଙ୍ଗିଲେ କର୍ତ୍ତୃପକ୍ଷ

ଚମ୍ପୁଆ, ୧୫।୯(ଡି.ଏନ.ଏ)- ବଦଳିର ୮ ମାସ ପରେବି ସରକାରୀ କ୍ୱାର୍ଟର୍ସ ଛାଡୁନଥିବା ଡାକ୍ତରଙ୍କୁ ମହଙ୍ଗା ପଡିଲା। ଡାକ୍ତରଖାନା କର୍ତ୍ତୃପକ୍ଷ କ୍ୱାର୍ଟର୍ସ ଛାଡିବା ପାଇଁ ବାରମ୍ବାର ଚିଠି କରି ବିଫଳ ହେବା ପରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ଡାକ୍ତରଖାନା କର୍ତ୍ତୃପକ୍ଷ କ୍ୱାର୍ଟର୍ସର ତାଲାଭାଙ୍ଗି ନିଜ ଅକ୍ତିଆରକୁ ନେଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ। ଖବର ଅନୁସାରେ ଚମ୍ପୁଆ ଡାକ୍ତରଖାନାରେ କାର୍ଯ୍ୟକରୁଥିବା ଜଣେ ଡାକ୍ତର ୮ ମାସ ପୂର୍ବରୁ କୋରାପୁଟକୁ ବଦଳି ହୋଇଥିଲେ। ମାତ୍ର ଡାକ୍ତର ଜଣକ ରହୁଥିବା ସରକାରୀ କ୍ୱାର୍ଟର୍ସଟିକୁ ବଦଳି ପରେ ମଧ ଛାଡିନଥିଲେ। କ୍ୱାର୍ଟର୍ସ ଅଭାବରୁ ଅନେକ ଡାକ୍ତର ବାହାରେ ରହୁଥିବା କାରଣରୁ ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ କ୍ୱାର୍ଟର୍ସ ଛାଡିବା ପାଇଁ ଚିଠି କରିଥିଲେ। ମାତ୍ର ସେ ଶୁଣି ନଥିଲେ। ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମାଜିଷ୍ଟ୍ରେଟ ଓ ଚମ୍ପୁଆ ପୋଲିସର ଉପସ୍ଥିତିରେ ଉକ୍ତ କ୍ୱାର୍ଟର୍ସର ତାଲା ଭଙ୍ଗାଯାଇ ନିଜ ଅକ୍ତିଆରକୁ ନିଆଯାଇଥିଲା। କ୍ୱାର୍ଟର୍ସ ମଧରେ ଥିବା ଡାକ୍ତରଙ୍କ ଆସବାବ ପତ୍ରକୁ ଏକ କୋଠରୀରେ ସିଲ କରାଯାଇଛି। ଏସଡିଏମଓ କର୍ଣ୍ଣରାମ ମହାନ୍ତଙ୍କୁ ପଚାରିବାରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଦୁର୍ଦ୍ଦିନରେ ନଳିତା ଚାଷୀ

**ଶୁଭକାନ୍ତ ନାୟକ**
**ହାଟଡିହୀ,୧୫।୯**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅକରୁଆ ପଞ୍ଚାୟତ ଅକରୁଆ, ଆମ୍ବଗଡିଆ ଓ ଦଧିବାମନପୁର ଗ୍ରାମର ନଳିତା ଚାଷୀମାନେ ଦୁର୍ଦ୍ଦଶାରେ ଦିନ କାଟୁଥିବାବେଳେ ସରକାରୀ ପ୍ରୋତ୍ସାହନ ନ ମିଳିବା ପରିତାପର ବିଷୟ। ସେଥିଲାଗି ଏହି କୌଳିକ ବୃତ୍ତି ବୁଡ଼ିବାକୁ ବସିଲାଣି। ଆଗରୁ ଏହି ଚାଷ କରି ଚାଷୀମାନେ ବେଶ ଦୁଇ

**ବୁଡ଼ିଗଲାଣି କୌଳିକ ବୃତ୍ତି**
**ମିଳୁନି ସରକାରୀ ପ୍ରୋତ୍ସାହନ**
**ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି**

ପଇସା ରୋଜଗାର କରୁଥିଲେ। କିନ୍ତୁ ସମୟ ଏବଂ ସରକାରୀ ପ୍ରୋତ୍ସାହନ ଅଭାବରୁ ଏମାନଙ୍କୁ ଉଚିତ ମୂଲ୍ୟ ମିଳୁ ନ ଥିବାରୁ ଚାଷ କରି ମଧ ଏମାନେ କ୍ଷତି ସହୁଛନ୍ତି। ଅକରୁଆ ଗ୍ରାମରେ ପ୍ରାୟ ୩୦୦ ପରିବାର, ଦଧିବାମନପୁର ଗ୍ରାମରେ ପ୍ରାୟ ୧୮୦ ପରିବାର ଏବଂ ଆମ୍ବଗଡିଆ ଗ୍ରାମରେ ପ୍ରାୟ ୨୦ ପରିବାର ମୋଟ ପ୍ରାୟ ୫୦୦ ପରିବାର ନଳିତା ଚାଷ କରିଥାନ୍ତି।

ପ୍ରଥମେ ଖରାଟିଆ ହଳ କରାଯାଇ ମାଟିକୁ ଭଲଭାବେ ଖତ, ଗୋବର ଦିଆଯାଇଥାଏ। ପରେ ନଳିତା ମଞ୍ଜି ବୁଣାଯାଇଥାଏ। ଧିରେ ଧିରେ ଗଛ ବଡ ହେଲେ ପୋକ ଦାଉରୁ ରକ୍ଷା କରିବା ପାଇଁ ବିଭିନ୍ନ ପ୍ରକାରର ସାର ଓ ବିଷ ପ୍ରୟୋଗ କରାଯାଏ। ଗଛ ପରିପକ୍ୱ ହେଲେ ତାକୁ କାଟି ପାଣି ଥିବା ପାଟ କିମ୍ବା ପୋଖରୀରରେ ପକାଯାଇ ପଚାଇବାକୁ ପଡିଥାଏ। ଗଛରୁ ଝୋଟ ଏବଂ ଖାଡି ଆମଦାନୀ ହୋଇଥାଏ। ଝୋଟ ଓ ଖାଡିକୁ



ଶୁଖାଇ ଦୂରଦୂରାନ୍ତ ଛକ ବଜାରରେ ନେଇ ବିକ୍ରି କରାଯାଇଥାଏ। ଝୋଟ କେଜି ୧୫ରୁ ୨୦ ଟଙ୍କା ଏବଂ ଖାଡି ଗୋଛା ୧୦ରୁ ୧୨ ଟଙ୍କା ବିକ୍ରି ହୋଇଥାଏ। ୧ଏକର ନଳିତା ଚାଷ କଲେ ପ୍ରାୟ ୧୪ରୁ ୧୫ହଜାର ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ପ୍ରାୟ ୮ କୁଇଣ୍ଟାଲ ଝୋଟ ଓ ଖାଡି ଆମଦାନି ହୋଇଥାଏ। ଏହି ନଳିତା ଚାଷୀମାନଙ୍କ ପାଇଁ ପ୍ରଶାସନ ତରଫରୁ ଅଦ୍ୟାବଧି ବଜାର ସୃଷ୍ଟି କରାଯାଇପାରିନି। ଦୀର୍ଘ ବର୍ଷ ଧରି ଚାଷୀମାନେ ଏହି ନଳିତା ଚାଷକୁ ନିଜର କୌଳିକ ବୃତ୍ତି ଭାବେ ଗ୍ରହଣ କରିଆସୁଛନ୍ତି। ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଓ କୀଟ ପୋକ ଆକ୍ରମଣରେ ଚାଷୀମାନେ ବ୍ୟାପକ କ୍ଷତି ସହିଥାନ୍ତି। କିନ୍ତୁ ଏମାନଙ୍କୁ କୌଣସି ପ୍ରଶାସନିକ ସହାୟତା ମିଳେନି। ଏହି ନଳିତା ଚାଷ ଏଠାକାର ମୁଖ୍ୟ ଚାଷ ଅଟେ। ଏହାକୁ ପାଥେୟ କରି ଚାଷୀମାନେ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ସରକାରୀ ପ୍ରୋତ୍ସାହନ ଅଭାବରୁ ଦିନକୁ ଦିନ ଏହି ଚାଷ ହ୍ରାସ ପାଇବାରେ ଲାଗିଛି। ଝୋଟରୁ ଚାଷୀମାନେ ବିଭିନ୍ନ ସୁତୁଲୀ, କସ, ଦଉଡି, ଶିକା, ପଘା ତିଆରି କରି ବିକ୍ରି କରିଥାନ୍ତି। ଘରର ଅନ୍ୟ ସଦସ୍ୟ ମଧ ଏପରି ସାମଗ୍ରୀ ତିଆରିରେ ସାହାଯ୍ୟ କରିଥାନ୍ତି। ବର୍ଷ ସାରା ଗୁଜୁରାଣ ଏହି ଚାଷ ଦ୍ୱାରା ମେଣ୍ଟାଯାଇଥାଏ। ନଳିତା ଚାଷ ପାଇଁ ଏହି ଅଞ୍ଚଳ ବେଶ ଜଣାଶୁଣା। କିନ୍ତୁ ଏଠାକର ନଳିତା ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ବ୍ଲକ କିମ୍ବା ଜିଲା ସ୍ତରରେ ଅଦ୍ୟାବଧି କୌଣସି ସୁବିଧା କରାଯାଇନି। ଦର ଦାମ ବୃଦ୍ଧି ହେତୁ ଏହି ଚାଷ ପ୍ରତି ଚାଷୀମାନେ ଏବେ ମୁହଁ ମୋଡୁଛନ୍ତି। ସରକାରୀ ସ୍ତରରେ ନଳିତା ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଇବା ନିମନ୍ତେ ଦାବି ହେଉଛି।

### ଚାଷୀମାନେ କୁହନ୍ତି



ଆମକୁ କୌଣସି ସରକାରୀ ସହାୟତା ମିଳୁନି। ଆମ ପ୍ରତି ସରକାର ଦୃଷ୍ଟି ଦେଇ ସୁବିଧା କରାଇଲେ ନଳିତା ଚାଷର ପରିମାଣ ବଢିପାରନ୍ତା।
*-ଛୋଟା ଯେନା*



ନଳିତା ଚାଷ ପାଇଁ ଆମ୍ଭେ ଯେତେ ଶ୍ରମ ନିୟୋଜିତ କରୁଛୁ, ସେହି ପରିମାଣର ପାରିଶ୍ରମିକ ପାଇପାରୁନୁ। ବଜାର ଦର ଅସନ୍ତୁଳିତ ଅବସ୍ଥାରେ ରହୁଥିବାରୁ ଅନେକ ସମୟରେ ଆମ୍ଭେ କ୍ଷତି ସହୁଛୁ।
*-ହଳଧର ଯେନା*



ଅଧିକାଂଶ ସମୟରେ ଏହି ଚାଷରେ ଆମେ କ୍ଷତି ସହୁଛୁ। ସରକାରୀ ବାବୁଙ୍କୁ ଜଣାଇଲେ ବି ଆମକୁ କୌଣସି ସହାୟତା ଦିଆଯାଉନି। ସରକାର ଆମ ପାଇଁ ପ୍ରୋତ୍ସହନର ବ୍ୟବସ୍ଥା କରାଇଲେ ଏହି ଚାଷକୁ ଅଧିକ ଭାବେ କରିବାକୁ ଆଗ୍ରହ ପ୍ରକାଶ କରିପାରନ୍ତୁ।
*-ବୁଲୁ ଯେନା*



ବର୍ଷ ସାରାର ଗୁଜୁରାଣ ଏହି ଚାଷରୁ ଆମେ ମେଣ୍ଟାଇ ଥାଉ। କିନ୍ତୁ ଏଥି ନିମନ୍ତେ କୌଣସି ବଜାର ସୃଷ୍ଟି ହୋଇ ନ ଥିବାରୁ ଦୂରକୁ ଯାଇ ବିକ୍ରି କରିବାକୁ ପଡୁଛି।
*-କୀର୍ତ୍ତନ ଯେନା*

### ଚାକିରି ଦେବା ନାଁରେ ଠକେଇ, ୩ ଅଟକ

**କେନ୍ଦୁଝର, ୧୫।୯ (ସ୍ୱ.ପ୍ର.):** କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ନାମରେ ଠକେଇ ଘଟଣାରେ ଟାଉନ ଥାନା ପୋଲିସ ଏକ କମ୍ପ୍ୟୁଟର ସଂସ୍ଥାର ୩ ଜଣଙ୍କୁ ରବିବାର ପଚରାଉଚରା କରୁଛି। କମ୍ପ୍ୟୁଟର ତାଲିମ ନେବା ପରେ ବିଭିନ୍ନ ହାଇସ୍କୁଲ ଓ ଏମ୍‌ଇ ସ୍କୁଲରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଦେବାକୁ କହି ପ୍ରତ୍ୟେକ ପିଲାଙ୍କଠାରୁ ୪୦ ହଜାର ଟଙ୍କା ଆଦାୟ କରିଥିବା ସଂସ୍ଥା ବିରୋଧରେ ଯୁବତୀ/ଯୁବକମାନେ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ସଂସ୍ଥାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରତ୍ୟେକ ଯୁବତୀ ଯୁବକଙ୍କଠାରୁ ପ୍ରତ୍ୟେକ ହାଇସ୍କୁଲ ଓ ଏମଇ ସ୍କୁଲରେ କମ୍ପ୍ୟୁଟର ଶିକ୍ଷକ ନିଯକ୍ତି ଦେବା ପାଇଁ ୪୦ ହଜାର ଲେଖାଏଁ ନେଇଥିବା ଅଭିଯୋଗ ହୋଇଛି। ଏବାବଦକୁ ୩୦ ହଜାର ଟଙ୍କାର ରଶିଦ ଦେଇଥିବା ବେଳେ ଅବଶିଷ୍ଟ ଟଙ୍କା ବିନା ରଶିଦରେ ନେଇଥିବା ଅଭିଯୋଗ ହୋଇଛି। କିଛି ପିଲାଙ୍କୁ ଚାକିରି ନ ଦେଇପାରିବାରୁ ସେମାନେ କୋର୍ଟର ଆଶ୍ରୟ ନେବାରୁ ତାଙ୍କୁ ୧୩ ଅକ୍ଟୋବରରେ ଏକ ଚେକ ପ୍ରଦାନ କରିଛନ୍ତି। ତେବେ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଏହା ଏକ ବଡ ଧରଣରେ ଠକେଇ ବୋଲି ଯୁବତୀଯୁବକମାନେ ରବିବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଦସ୍ତଖତ କରି ଏହି ଅଭିଯୋଗ ଥାନାରେ କରିଥିବା ବେଳେ ଏହି ସଂସ୍ଥା ଦ୍ୱାରା ବହୁ ଅଧିକ ଠକେଇର ଶିକାର ହୋଇଥିବା କୁହାଯାଉଛି। ଏନେଇ ଟାଉନ ଥାନା ଅଧିକାରୀ ସୋମନାଥ ଜେନା କହିଛନ୍ତି ଯେ ଉକ୍ତ ସଂସ୍ଥାର ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଅଲ ଇଣ୍ଡିଆ ଟ୍ରାଡିସନାଲ ସଟକିନ କରାଟେ ପ୍ରତିଯୋଗିତା
## ୨ ବ୍ରୋଞ୍ଜ ପଦକ ପାଇଲେ ବିଜୟ



ବିଜୟ କୁମାର ମୁଣ୍ଡା (ବାମ)ଙ୍କୁ ପୁରସ୍କୃତ କରାଯାଉଛି।

**ତେଲକୋଇ, ୧୫।୯ (ଡି.ଏନ.ଏ.):** ଅଲଇଣ୍ଡିଆ ଟ୍ରାଡିସନାଲ ସଟକନ କରାଟେ ପ୍ରତିଯୋଗିତା ରେ ତେଲକୋଇ ମୁଖ୍ୟାଳୟର ବାଲିସାହିର ଆଦିବାସୀ ଯୁବକ ବିଜୟ କୁମାର ମୁଣ୍ଡା ୨ଟି ବ୍ରୋଞ୍ଜ ପଦକ ପାଇବାରେ ସଫଳ ହୋଇଛନ୍ତି। ଏହି କରାଟେ ପ୍ରତିଯୋଗିତାରେ ୨୫ବର୍ଷ ବର୍ଗର ଜାତୀୟସ୍ତରର ପ୍ରତିଯୋଗିତା ହୋଇଥିଲା। ସେ ୨ଟି ପଦକ ହାସଲ କରିଥିବାରୁ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ସୋମବାର ତାଙ୍କୁ ସ୍ୱାଗତ କରିବା ପାଇଁ ଆଦିବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ୨୦୧୮ ମସିହାରେ ଏହି କରାଟେ ଖେଳରେ ବୋଞ୍ଜ ପଦକ ପାଇବା ପରେ ରାଜ୍ୟ କରାଟେ ଫେଡେରେଶନ ପକ୍ଷରୁ ୨ୟ ବାର ତାଙ୍କୁ ଚୟନ କରାଯାଇଥିଲା। ଏଥିରେ ୨ଟି ବିଭାଗରେ ୨ଟି ବ୍ରୋଞ୍ଜ ପଦକ ହାସଲ କରିବାରେ କୃତିତ୍ୱ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିଥିଲେ। ଗତ ୧୩ ଓ ୧୪ ତାରିଖରେ ଏହି ପ୍ରତିଯୋଗିତା କଟକ ସ୍ଥିତ ନେହେରୁ ଇନଡୋରରେ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟଅତିଥି ଭାବେ ସେକ୍ରେଟାରୀ ଡାଇରେକ୍ଟର ସିହାନ ଆଦିତ୍ୟ ମିଶ୍ର ଓ ରାଜ୍ୟ ଚୟନ କମିଟିର ଅଧକ୍ଷ ବି.ଆର ସାମଲ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

### ବଢୁଛି ନକଲି ଦୁଇ ଶହ ଟଙ୍କିଆ ନୋଟ୍ କାରବାର

**କେନ୍ଦୁଝର, ୧୫।୯ (ସ୍ୱ.ପ୍ର.):** କେନ୍ଦୁଝର ଜିଲାରେ ନୂଆ ଦୁଇ ଶହ ଟଙ୍କିଆ ନକଲି ନୋଟ୍‌ର କାରବାର ବଢୁଥିବାରୁ ବ୍ୟବସାୟୀ ତଥା ସାଧାରଣ ଲୋକ ଚିନ୍ତାରେ ପଡ଼ିଯାଇଛନ୍ତି। ନିକଟରେ ଡେଲି ମାର୍କେଟରେ ଜଣେ ଲୁଗା ଦୋକାନୀ ଓ ସରକାରୀ ବସ ଷ୍ଟାଣ୍ଡ ନିକଟରେ ଏକ ଅଣ୍ଡା ଦୋକାନୀଙ୍କୁ ଏଭଳି ନକଲି ଦୁଇ ଶହ ଟଙ୍କା ଦେଇ ସାମଗ୍ରୀ କିଣିନେଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବିଶେଷ କରି ଭିଡ ସମୟରେ ବା ଅନ୍ୟ ଟଙ୍କା ମଧରେ ଏହି ଟଙ୍କା ମିଶାଇ ଦେଉଥିବା ଅଭିଯୋଗ ହେଉଛି । କିଛି ସାମଗ୍ରୀ କିଣି ଦୋକାନୀଙ୍କ ବ୍ୟସ୍ତତାକୁ ଦେଖି ତରବରିଆ ଭାବରେ ଏହି ନକଲି ଟଙ୍କା ଦେଇ ପଳାଉଛନ୍ତି। ଫଳରେ ପରେ ଜଣାପଡିବା ବେଳେ ଧରା ପଡୁନାହାନ୍ତି। ଏ ନେଇ ପଦକ୍ଷେପ ନେବାକୁ ଦାବି ହେଉଛି । ନୂଆ ଦୁଇ ଶହ ଟଙ୍କାକୁ ଜେରକ୍ସ କରି ବା ଅନ୍ୟ ଉପାୟରେ ପ୍ରିଣ୍ଟ କରି ଚଳାଉଥିବା ବେଳେ ଅବିକଳ ଅସଲି ଟଙ୍କା ଭଳି ଏହା ଦେଖାଯାଉଛି । କିନ୍ତୁ ହାତରେ ଭଲ ଭାବରେ ପରଖିଲେ ଓ ଅନ୍ୟ ଚିହ୍ନ ଯାଞ୍ଚ କଲେ ନକଲି ବୋଲି ଜଣାପଡୁଛି । ଏହା ପଛରେ କୌଣସି ର୍ୟାକେଟ ସମ୍ପୃକ୍ତି ଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଶତାଧିକ ହିତାଧିକାରୀ ଚାଉଳରୁ ବଞ୍ଚିତ



ପିଡିଏସ୍ ଚାଉଳ ପାଇନଥିବା ଟୁଙ୍ଗୁଲେଇସାହି ଲୋକେ।

**ଚମ୍ପୁଆ, ୧୫।୯ (ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତରେ ଆଧାର କାର୍ଡ ଲିଙ୍କ୍ ସମସ୍ୟା ପାଇଁ ଶତାଧିକ ହିତାଧିକାରୀ ଟଙ୍କିକିଆ ଚାଉଳ ପାଇବାରୁ ବଞ୍ଚିତ ହୋଇଥିବା ଜଣାଯାଇଛି। ଫଳରେ ଦୁଇ ମାସରେ ଥରେ ପରିବାର ସଦସ୍ୟଙ୍କ ମୁଣ୍ଡପିଛା ମିଳୁଥିବା ଚାଉଳ ନ ପାଇ ଗ୍ରାମବାସୀ ହତାଶ ହୋଇଥିବା ଦେଖିବାକୁ ମିଳିଛି। ସରକାର ଗରିବ ଖଟିଖିଆମାନଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷାରେ ସାମିଲ କରିବା ପରେ ବହୁ ଯୋଗ୍ୟ ହିତାଧିକାରୀ ବାଦ ପଡିଥିବା ବେଳେ ରାଜ୍ୟ ଖାଦ୍ୟ

**ଆଧାର କାର୍ଡ ଲିଙ୍କ୍ ସମସ୍ୟା**

ସୁରକ୍ଷା ଯୋଜନାରେ ଏମାନଙ୍କୁ ସାମିଲ କରାଯାଇଥିଲା। ନିୟମ ଅନୁସାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ମାସକୁ ମୁଣ୍ଡପିଛା ୫କିଗ୍ରା ଚାଉଳ ପ୍ରଦାନ କରାଯାଉଥିଲା। ମାତ୍ର ଚଳିତ ମାସ ରଜିଆ ପଞ୍ଚାୟତର ଟୁଙ୍ଗୁଲେଇ ସାହି, କଇଁତା, କଞ୍ଚନପୁର, ମଥୁରାପୁର, ପତଳା, ରଜିଆ, ଶଶାଙ୍ଗ, ଦୋଳିତା, ମହେଶ୍ୱରପୁର, ଜୟନ୍ତନାପୁର ଆଦି ଗ୍ରାମର ଶତାଧିକ ହିତାଧିକାରୀ ପିଡିଏସ ବିତରଣ କେନ୍ଦ୍ରକୁ ଯାଇ ଖାଲି ହାତରେ ଫେରିଥିଲେ। ଆଧାର ଲିଙ୍କ ହୋଇ ନ ଥିବାରୁ ତାଙ୍କ ନାମରେ ସାମଗ୍ରୀ ଆସି ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ବିଭାଗୀୟ ଅଧିକାରୀ ତାରିଣୀ ମିଶ୍ରଙ୍କୁ ପଚାରିବାରୁ ଆଧାର ଲିଙ୍କ୍ ହୋଇ ନ ଥିବାରୁ ସେମାନେ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଧାର ଲିଙ୍କ ହେଲାପରେ ସେମାନେ ଚାଉଳ ପାଇ ପାରିବେ। ଏଥି ନିମନ୍ତେ ବଞ୍ଚିତ ହିତାଧିକାରୀମାନେ ନିଜ ନିଜ ପିଡିଏସ ବିତରଣ କେନ୍ଦ୍ରରେ ଆଧାର ଜମା କଲେ ଡିଲରମାନେ ତାହା ଲିଙ୍କ୍ କଲାପରେ ଚାଉଳ ମିଳିବ ବୋଲି ସୂଚନା ଦେଇଛନ୍ତି।

## ବିଦ୍ୟାଳୟରେ ସ୍କୁଲ ବ୍ୟାଗ ଯାଞ୍ଚ

**ଆନନ୍ଦପୁର, ୧୫।୯ (ସ୍ୱ.ପ୍ର.):** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ପ୍ରଶାସନିକ ସ୍ତରରେ ସ୍କୁଲ ବ୍ୟାଗର ଓଜନକୁ ନେଇ ତତ୍ପରତା ପ୍ରକାଶ ପାଇଛି। ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ଶରତ କୁମାର ରାଉତ ଅନେକ ସ୍କୁଲ ବୁଲି ଛାତ୍ରୀଛାତ୍ରଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ସେହିପରି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ପହି ମଧ ବ୍ଲକ ଅଧୀନରେ ଥିବା ବହୁ ସ୍କୁଲ ପରିଦର୍ଶନ କରି ପିଲାମାନଙ୍କ ବ୍ୟାଗର ଓଜନ ଯାଞ୍ଚ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ରଙ୍କ ବ୍ୟାଗର ଓଜନ ଅଧିକ ଥିବାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଉତ ଏବଂ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପହି ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକମାନଙ୍କୁ ତାଗିଦ କରିଥିଲେ।

## ତରୁଆଁ ପଞ୍ଚାୟତ ପୁରସ୍କୃତ

**ଆନନ୍ଦପୁର, ୧୫।୯ (ସ୍ୱ.ପ୍ର.):** ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ତରଫରୁ ପୁରସ୍କୃତ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ମିଳିଥିବା ୧୦ ଗୋଟି ଗୃହ କାର୍ଯ୍ୟାଦେଶ ମଧ୍ୟରୁ ୮ ଗୋଟି ଗୃହ କାର୍ଯ୍ୟ ଶେଷ ହୋଇଥିବାରୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି ସମୀକ୍ଷା ବୈଠକରେ ଯୋଗଦେଇ ସମ୍ପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପଣ୍ଡା ଏବଂ ଜିଆରଏସ ଜଗନ୍ନାଥ ପାତ୍ରଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଛନ୍ତି। ଘସିପୁରା ବ୍ଲକ ବିଡିଓ ଡ.ମଧୁସ୍ମିତା ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ ସମୀକ୍ଷା ବୈଠକରେ ହାଟଡିହୀ, ଆନନ୍ଦପୁର ଓ ଘସିପୁରା ତିନି ଗୋଟି ବ୍ଲକର ବିଡିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ ଜିଆରଏସ ମାନେ ଯୋଗ ଦେଇଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ ଘସିପୁରା ବ୍ଲକରେ ମୋଟ ୧୫ ଗୋଟି ଗୃହ କାର୍ଯ୍ୟ ଶେଷ ହୋଇଛି। ଏହାବ୍ୟତୀତ ଅଧିକାଂଶ ଗୃହ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପଣ୍ଡା ଏବଂ ଜିଆରଏସ ଜଗନ୍ନାଥ ପାତ୍ରଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଉଛି।

## ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ




ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷାର୍ଥୀ ଏବଂ ଶିକ୍ଷକ।

**ପାଟଣା,୧୫।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାରେ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀଙ୍କ ପକ୍ଷରୁ ରବିବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଗାନ୍ଧୀଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ୫୬ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି। ଏହି ସମୟସୀମା ମଧରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବଜାର, ସର୍ବସାଧାରଣ ସ୍ଥଳୀ, ବସଷ୍ଟାଣ୍ଡ ଓ ମନ୍ଦିର ପରିସର ସଫେଇ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଏନସିସି ଅଫିସର ଧର୍ମେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ତଥା ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଇଂ ବିଦ୍ୟାଧର ଦାଶ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ମହାବିଦ୍ୟାଳୟର ଅଧକ୍ଷା ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀ, ଅଧ୍ୟାପକ ଶୈଳେନ୍ଦ୍ର ଡାଲୁଆ, ଜୟନ୍ତ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ।

## ଯକ୍ଷ୍ମା ନିରାକରଣ ଯୋଜନା ବାଟବଣା

**ରାଇସୁଆଁ,୧୫।୯(ଡି.ଏନ.ଏ.)**

ସରକାର ଯକ୍ଷ୍ମା ନିରାକରଣ ପାଇଁ ଯୋଜନା ପରେ ଯୋଜନା କରି ଚାଲିଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନିକସ୍ତରରେ ମାନସିକତାର ଅଭାବ ଏବଂ ସଚେତନତା କେବଳ କାଗଜକଲମରେ ସୀମିତ ରହିବା ସହ ସଚେତନତା ନାମରେ କୋଟି କୋଟି ଟଙ୍କା ଆତ୍ମସାତ ଯୋଗୁ ସରକାରଙ୍କ ଯକ୍ଷ୍ମା ନିରାକରଣ ଯୋଜନାର ସୁଫଳ ଲୋକଙ୍କ ନିକଟରେ ଠିକ ଭାବେ ପହଞ୍ଚିପାରୁ ନାହିଁ ବୋଲି ଅଭିଯୋଗ ହେଉଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକ ମାନଙ୍କର ଆର୍ଥିକ ଅବସ୍ଥା ଭଲ ନୁହେଁ। ଏପରି ରୋଗ ହେଲେ ସେମାନେ ଠିକ ଭାବେ ଚିକିତ୍ସିତ ହୋଇପାରୁନହାନ୍ତି। ଯାହାଫଳରେ ମୃତ୍ୟୁବରଣ କରୁଛନ୍ତି। ସରକାରୀ ଯୋଜନାଗୁଡ଼ିକ ସଫଳ ଭାବେ ରୂପାୟନ ହୋଇପାରୁ ନାହିଁ। ମାଗଣା ଔଷଧ ଦିଆଯାଉଥିଲେ ମଧ ଏହି ରୋଗ କେତେକ ଗାଁରେ ବ୍ୟାପି ଚାଲିଛି ଏବଂ ଲୋକେ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ସେମାନଙ୍କ ସେବା ଶୁଶ୍ରୂଷା ମଧ ଠିକ ଭାବେ କରାଯାଉନାହିଁ।

ସୂଚନା ଅନୁସାରେ ସଦର ଅଞ୍ଚଳରେ ବର୍ଷକ ମଧ୍ୟରେ ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କ ଯକ୍ଷ୍ମା ଯୋଗୁ ମୃତ୍ୟୁ ହୋଇଥିବା ସୂଚନା ମିଳିବା ସହ

- **କାଗଜକଲମରେ ସୀମିତ ଯୋଜନା**
- **ଦୁର୍ଦ୍ଦିନରେ ଆଦିବାସୀ ପରିବାର**

୨ଶହରୁ ଉର୍ଦ୍ଧ୍ୱ ଲୋକ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ବହୁ ରୋଗୀଙ୍କ ନିକଟରେ ଔଷଧ ମଧ ଠିକ ସମୟରେ ପହଞ୍ଚୁ ନାହିଁ ବୋଲି ଅଭିଯୋଗ ହେଉଛି। ଫଳରେ ଔଷଧ ନ ପାଇ ମଧ ବହୁ ରୋଗୀ ମୃତ୍ୟୁମୁଖକୁ ଠେଲି ହେଉଛନ୍ତି ବୋଲି ବହୁ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି। ସୂଚନା ଅନୁସାରେ ସଦର ବ୍ଲକର ମହାଦେଇଯୋଡା ଅଞ୍ଚଳରୁ ମାସେ ମଧ୍ୟରେ ୨ଜଣ ଯକ୍ଷ୍ମା ରୋଗରେ ଏବଂ ୨ଜଣ ଜଣ୍ଡିସ ରୋଗରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ସେହିପରି ମୁଣ୍ଡା ସାହିର ବହୁ ଲୋକ ଯକ୍ଷ୍ମା ରୋଗରେ ପୀଡିତ ଥିବା ଜଣାପଡିଛି। ବହୁ ରୋଗୀ କହିଛନ୍ତି ବହୁବାର ସରକାରୀ ଟିବି ଔଷଧ ଖାଇଲେ ମଧ ରୋଗ ଭଲ ହେଉ ନାହିଁ। ଏ ସମ୍ପର୍କରେ ଜଣେ ଡାକ୍ତରଙ୍କୁ ପଚାରିବାରୁ ସରକାରୀ ଟିବି ଔଷଧର ମାନ ଠିକ ରହୁ ନାହିଁ ଏବଂ ଏହାର ଠିକ ଭାବରେ ଯାଞ୍ଚ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

ବଡ଼ସାହି,୧୫।୯(ସ୍ୱ.ପ୍ର.)-ବଡ଼ସାହି ଥାନା ଅଧୀନ ଜଡିପାଳ ଗ୍ରାମର ସୁଲି ବିନ୍ଧାଣି(୫୦) ନାମ୍ନୀ ଜଣେ ମହିଳାଙ୍କ ଅସ୍ୱାଭାବିକ ପରିସ୍ଥିତିରେ ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରାଇଛି। ପରିବାରବର୍ଗଙ୍କ କହିବା ଅନୁଯାୟୀ ସୁଲିଙ୍କ ମୁଣ୍ଡ ବୁଲାଇବାରୁ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ବାରିପଦା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଘଟଣା ଜଣାପଡିବ ବୋଲି ପୋଲିସ କହିଛି।

### ନାବାର୍ଡ ପକ୍ଷରୁ ତୃଣମୂଳ ନେତୃତ୍ୱ ତାଲିମ ଶିବିର

ଠାକୁରମୁଣ୍ଡା,୧୫।୯(ଡି.ଏନ.ଏ)- ରୁରାଲ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଅର୍ଗାନାଇଜେଶନର ଆୟୋଜନକ୍ରମେ ଠାକୁରମୁଣ୍ଡା ଖୁଣ୍ଟାପୋଷିଠାରେ ନାବାର୍ଡ ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ନେଇ ତୃଣମୂଳ ନେତୃତ୍ୱ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାବାର୍ଡ ଏଜିଏମ ସ୍ମୃତି ରଞ୍ଜନ ପଟ୍ଟନାୟକ ଯୋଗଦେଇ ଏହି ତାଲିମ ନେତୃତ୍ୱ ବୃଦ୍ଧି ଦିଗରେ ବେଶ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ତାଲିମଦାତା ଭାବେ ରମଣିରଞ୍ଜନ ଓଝା, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ରତିକାନ୍ତ ମିଶ୍ର, ଆରସିଡ଼ିସି ପ୍ରୋଗ୍ରାମ୍ ଅଫିସର ଆନନ୍ଦ ସେଠୀ, ବ୍ୟାଙ୍କ ପରିଚାଳକ ଇନ୍ଦ୍ରାଇ ସୋରେନ୍, ମନୋଜ କୁମାର ଜେନା, ନମିତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଦିଗଧର ପଞ୍ଚାୟତର ୨୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୬୦ଜଣ ମହିଳା ଏଥିରେ ସାମିଲ ହୋଇ ତାଲିମ ନେଇଥିଲେ।

### ପ୍ରାଣୀବିଜ୍ଞାନ ବିଭାଗରେ ସ୍ୱାଗତ ଉତ୍ସବ

ବଡ଼ସାହି,୧୫।୯(ସ୍ୱ.ପ୍ର.)-ମୟୂରଭଞ୍ଜ ଜିଲା ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ସୁବାସ ଚନ୍ଦ୍ର ଦାସ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଜୀବନ କୁମାର ପଣ୍ଡିତ, ଅଧ୍ୟାପିକା ଦେବୀ ଅର୍ଚ୍ଚନା ବିଶ୍ୱାଳ ଓ ଡେ଼ମନଷ୍ଟ୍ରେଟର ଗୁରୁପ୍ରସାଦ ପତି ବକ୍ତବ୍ୟ ରଖିଥିଲେ। ବିଭାଗର ଶେଷବର୍ଷ ଓ ଦ୍ୱିତୀୟବର୍ଷର ଛାତ୍ରୀଛାତ୍ର ପ୍ରଥମବର୍ଷର ନବାଗତ ଛାତ୍ରୀଛାତ୍ରଙ୍କୁ ଗୋଲାପ ଫୁଲ ଓ ଉପହାର ଦେଇ ସ୍ୱାଗତ କରିଥିଲେ। ଛାତ୍ରୀ ଅଲିଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାସ୍ତା ଅବସ୍ଥା ଶୋଚନୀୟ

କୁଆମରା,୧୫।୯(ଡି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକରୁ ବଡସାହିକୁ ସଂଯୋଗ କରୁଥିବା ସିମିଳାବନ୍ଧ ରାସ୍ତାର ତରଡାଶୁଳ ପୋଲଠାରୁ ମହୁଲିଆ ଛକ ପର୍ଯ୍ୟନ୍ତ ୧ କି.ମି. ଆରଡି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାର ଅଧିକାଂଶ ସ୍ଥାନରୁ ପିଚୁ ଉଠିଯାଇ ଗର୍ତ୍ତ ସୃଷ୍ଟି ହେବା ସହ ବର୍ଷା ଜଳର ଲହଡ଼ି ମାରୁଛି, ଯାହା ପଥଚାରୀ ଓ ଦୁଇ ଚକିଆ ଯାନ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ରାସ୍ତାଟି ଦୁଇ ବ୍ଲକକୁ ସଂଯୋଗ କରିବା ସହ ବାରିପଦା ଓ ଉଦଳାକୁ ମଧ ସଂକ୍ଷିପ୍ତ ରାସ୍ତା ହୋଇଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାର ମରାମତି ବର୍ଷେ ତଳେ ହୋଇଥିଲେ ମଧ ଯଥା ପୂର୍ବଂ ତଥା ପର ଅବସ୍ଥାରେ ରହିଛି। ଏଣୁ ରାସ୍ତାର ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଯଥା ଶୀଘ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### ରାଜନୀତି ବିଜ୍ଞାନ ସେମିନାର

ବଡ଼ସାହି,୧୫।୯(ସ୍ୱ.ପ୍ର.)-ବଡ଼ସାହି କଲେଜର ରାଜନୀତି ବିଜ୍ଞାନ ବିଭାଗର 'ଭାରତୀୟ ସମ୍ବିଧାନର ପରିବର୍ତ୍ତିତ ଦୃଶ୍ୟପଟରେ ପୋଲିସର ଭୂମିକା' ସମ୍ପର୍କିତ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ସୁବାସ ଚନ୍ଦ୍ର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସହ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ଯୋଗଦେଇ ପୋଲିସର କର୍ତ୍ତବ୍ୟ, ସାମ୍ବିଧାନିକ ବିଧିବ୍ୟବସ୍ଥା,ସାମଜିକ ଓ ରାଜନୈତିକ ବ୍ୟବସ୍ଥାର ସଫଳତା ଦିଗରେ ଆଲୋକପାତ କରିଥିଲେ। ପ୍ରାକ୍ତନ ପ୍ରାଧାପକ ପ୍ରଫେସର ଜୟକୃଷ୍ଣ ମହାନ୍ତ ମୁଖ୍ୟବକ୍ତା ଏବଂ ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ସୁଧୀର କୁମାର ସାହୁ, ଓଡିଆ ବିଭାଗର ମୁଖ୍ୟ ପ୍ରାଧାପକ କୁମୁଦ ଚନ୍ଦ୍ର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ଅଧାପକ ପ୍ରଫେସର ବିନୋଦ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଛାତ୍ରୀ ଶୁଭଜ୍ୟୋତି ବେହେରା ଓ ଦେବସ୍ମିନୀ ମହାପାତ୍ର ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଶେଷରେ ଅଧାପକ ସୁବ୍ରତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଛନ୍ତି।

■ପ୍ରତାପପୁର ବୁଢ଼ାବଳଙ୍ଗ ସେତୁ

# ନିର୍ମାଣ କାମ ବନ୍ଦ କଲେ ଗ୍ରାମବାସୀ


ବୁଢ଼ାବଳଙ୍ଗ ନଦୀରେ ଚାଲିଥିବା ସେତୁର ନିର୍ମାଣ କାର୍ଯ୍ୟ।

■କାଦୁଅମିଶା ବାଲି, ଚିପ୍ସ ଓ ମୁଣ୍ଡା ସିମେଣ୍ଟରେ ଚାଲିଛି ସେତୁ କାର୍ଯ୍ୟ
■ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ସହକାରୀ ଯନ୍ତ୍ରୀ

ବଡ଼ସାହି,୧୫।୯(ସ୍ୱ.ପ୍ର.)

ବୁଢ଼ାବଳଙ୍ଗ ନଦୀରେ ନିର୍ମାଣାଧୀନ ସେତୁରେ ନିମ୍ନମାନର କାର୍ଯ୍ୟକୁ ନେଇ ରବିବାର ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। କାଦୁଅ ମିଶା ବାଲି, ଚିପ୍ସ ଓ ନଷ୍ଟ ହୋଇ ଯାଇଥିବା ସିମେଣ୍ଟରେ ଚାଲିଥିବା ଢଳେଇ କାର୍ଯ୍ୟକୁ ଅଞ୍ଚଳବାସୀ ବିରୋଧ କରିବା ସହ ନିର୍ମାଣ କାର୍ଯ୍ୟ ବନ୍ଦ କରିଛନ୍ତି। ଏଥିନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ମଧ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଫଳରେ ନିର୍ମାଣ ହେଉଥିବା ସେତୁର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ କୋଟି କୋଟି ଟଙ୍କା ନଦୀ ଗର୍ଭରେ ଲୀନ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ବଡସାହି ବ୍ଲକ ପ୍ରତାପପୁର ବଙ୍ଗଳାଠାରୁ ନିର୍ମାଣ ହେଉଥିବା ବୁଢ଼ାବଳଙ୍ଗ ନଦୀ ସେତୁ କାର୍ଯ୍ୟରେ।

ପୂର୍ତ୍ତବିଭାଗ ପକ୍ଷରୁ ବାରିପଦା-ପ୍ରତାପପୁର-ବଡ଼ସାହି-ମାଣତ୍ରୀ (ବିପିବିଏମ୍) ରାସ୍ତାର ୧୫ କି.ମିଠାରେ ଥିବା ବୁଢ଼ାବଳଙ୍ଗ ନଦୀ ପ୍ରତାପପୁରଠାରେ ସେତୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ପରେ ବିଭାଗ ପକ୍ଷରୁ ୧୫ କୋଟି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ ନେଇ ଟେଣ୍ଡର ହୋଇଥିଲା। ନିର୍ମାଣ କାର୍ଯ୍ୟ ଲାଗି ନବଦୁର୍ଗା ପ୍ରାଇଭେଟ ଲିମିଟେଡ ସଂସ୍ଥା ବିଭାଗ ସହିତ ଚୁକ୍ତିନାମା କରିଛି। ୫ଟି ପିଲର ଉପରେ ୬ଟି ସ୍ପାମ୍ ଓ ୨ଟି ଆର୍ବଟମେଣ୍ଟ ନିର୍ମାଣ ହେବାକୁ ଥିବା ବେଳେ ଏହି କାର୍ଯ୍ୟ ୪ମାସ ପୂର୍ବରୁ ଆରମ୍ଭ ହୋଇଛି। ନଦୀର ପ୍ରତାପପୁର ପଟୁ ଗୋଟିଏ ଲେଖାଏଁ ଆର୍ବଟମେଣ୍ଟ ଓ ପିଲର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ସେତୁର ସୂଚନା ଫଳକ ନାହିଁ। ଢଳେଇ କାର୍ଯ୍ୟରେ ବ୍ୟବହୃତ ହେଉଥିବା ବାଲି ଓ ଚିପ୍ସରେ କାଦୁଅ ମିଶି ରହିଛି। ନଦୀରେ ପାଣି ଭର୍ତ୍ତି ଥିବାରୁ ପରିଷ୍କାର ବାଲି ବ୍ୟବହାର ପରିବର୍ତ୍ତେ କାଦୁଅ ମିଶା ବାଲିକୁ ଢଳେଇ କାର୍ଯ୍ୟରେ ବ୍ୟବହାର କରାଯାଉଛି ବୋଲି ପ୍ରତାପପୁର ପଞ୍ଚାୟତର ସମିତିସଭ୍ୟ ପାର୍ଥସାରଥି ପଣ୍ଡା ପ୍ରକାଶ କରିଛନ୍ତି। ସେହିପରି ନିର୍ମାଣାଧୀନ ପିଲରର କଂକ୍ରିଟକୁ ସାମାନ୍ୟ ଆଘାତ ଦେବାରୁ ତାହା ଭାଙ୍ଗିଯାଉଛି। ଛୋଟ ଛୋଟ କାଦୁଅ ମିଶା ବଜୁରି ଚିପ୍ସ ଓ ନଷ୍ଟ ହୋଇଥିବା ସିମେଣ୍ଟକୁ ମିଶ୍ରଣ କରି ଢଳେଇ ହେଉଥିବା ଗ୍ରାମବାସୀ ପରମେଶ୍ୱର ବେହେରା, ସୁମନ୍ତ ସାହୁ, ଦିଲ୍ଲୀପ ସାହୁ, ଗୁରୁଚରଣ ବେହେରା, ଖଗେଶ୍ୱର ନାୟକ ପ୍ରମୁଖ ଅଭିଯୋଗ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ଢଳେଇ ପାଇଁ ପ୍ରସ୍ତୁତ ହେଉଥିବା ସାମଗ୍ରୀ ଅତି ନିମ୍ନମାନର ହେଉଥିବାରୁ ସେତୁର ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଏସ୍‌ଡିଓ ବିରଞ୍ଚି ପଣ୍ଡାଙ୍କୁ ପଚାରିବାରୁ ଗ୍ରାମବାସୀଙ୍କଠାରୁ ଅଭିଯୋଗ ପାଇଛି ଓ ସୋମବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସମୀବୃକ୍ଷ ପୀଠରେ ଭାଗବତ ଜନ୍ମୋତ୍ସବ

କପ୍ତିପଦା,୧୫।୯(ଡି.ଏନ.ଏ)

କପ୍ତିପଦା ବ୍ଲକ୍ ଅଧୀନ ପୁରାଣ ପ୍ରସିଦ୍ଧ ସମୀବୃକ୍ଷ ପୀଠରେ ଶନିବାର ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ପୂଜାପାଠ, ଯଜ୍ଞ ଓ ହରିନାମ ଧ୍ୱନିରେ ଚତୁଃପାର୍ଶ୍ୱ ଉତ୍ସବମୁଖର ହୋଇ ଉଠିଥିଲା। ଉଦ୍ୟୋକ୍ତା ଟ୍ରଷ୍ଟର ସଭାପତି ପ୍ରଫୁଲ୍ଲ ଖିଲାର, ମ୍ୟାନେଜର ବିଜୟ କୁମାର ବାରିକ୍ ଓ ସଦସ୍ୟ ଗୌରାଙ୍ଗ ବାରିକ୍ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପୂଜକ ମଧୁମଙ୍ଗଳ ଦାସଙ୍କ ପୂଜାର୍ଚ୍ଚନା ଓ ଭାଗବତ ପାଠ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ରାଇକାଳିଆ, ଭଣ୍ଡାରିପାଳ ଓ କୋଳିଅଳମ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଉତ୍ସବରେ ଉପସ୍ଥିତ ରହି ଦିବାରାତ୍ର ହରିନାମ ଗାନ କରିଥିଲେ। ଗୌର ଚନ୍ଦ୍ର ନାଏକ ଓ ମିଲୁ ନାଏକ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନରେ ସହଯୋଗ କରିଥିଲେ। କୋଳିଅଳମ, ଦେବଳା ଓ ଜେ.ଏସ. ଜାମୁଡିହା ପଞ୍ଚାୟତର ଶତାଧିକ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ।

## ସଭ୍ୟ ସଂଗ୍ରହ ସଭାରେ ହୋହଲ୍ଲା


କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ବାରିପଦା ଅଫିସ,୧୫।୯

ସ୍ଥାନୀୟ ଅଞ୍ଚଳର କର୍ମୀଙ୍କୁ ଗୁରୁତ୍ୱ ଦିଆ ନ ଯିବା ଏବଂ ନିର୍ବାଚନ ବେଳେ ବିଭିନ୍ନ ପ୍ରତିଶ୍ରୁତି ଦେଇଥିବା ନେତାଙ୍କ ଦେଖା ନ ମିଳିବା ଘଟଣା ନେଇ ବିଜେଡିର କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ବାରିପଦା ନିର୍ବାଚନ ମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକର ଭୋଲାଗଡିଆଠାରେ ଅନୁଷ୍ଠିତ ହୋଇଥିବା ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ କର୍ମୀମାନେ ଏଭଳି ଅଭିଯୋଗ କରି ହୋହଲ୍ଲା କରିଥିବା ଜଣାପଡିଛି। ଗତ ୯ ତାରିଖରେ ଅନୁଷ୍ଠିତ ଏହି ସଭାରେ ଜିଲା କାର୍ଯ୍ୟକାରୀ ସଭାପତି ଡ.ଦେବାଶିଷ ମାରାଣ୍ଡି, ଜିଲା ଯୁବ ସଭାପତି ଜିତେନ୍ଦ୍ର ମହାନ୍ତି ଏବଂ ଖୁଣ୍ଟା ବ୍ଲକ ସଭାପତିଙ୍କ ସମେତ ଅନ୍ୟ ନେତୃବୃନ୍ଦମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅଧାରୁ କର୍ମୀମାନେ ହୋ ହଲ୍ଲା କରିବାରୁ ଉପସ୍ଥିତ ନେତାମାନେ ସେମାନଙ୍କୁ ବୁଝାଶୁଝା କରିଥିଲେ। ଜିଲା ଯୁବ ସଭାପତି ମହାନ୍ତି କର୍ମୀଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ କହିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ବିଳମ୍ବରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜିଲା ଯୁବ ବିଜେଡି ସଭାପତିଙ୍କୁ ପଚାରିବାରୁ ସେ କିଛି କହିବାକୁ ମନା କରି ଦେଇଛନ୍ତି। ଜିଲାରେ ଦଳୀୟ ସଂଗଠନକୁ ଦୃଢ଼ କରିବା ଲାଗି ସମ୍ପ୍ରତି ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦଳୀୟ ନେତାମାନେ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ସଭା ସମିତି କରି ସଭ୍ୟ ସଂଗ୍ରହ କରୁଛନ୍ତି। କର୍ମୀମାନେ ସଭାରେ ନେତାଙ୍କୁ ଏଭଳି ବିଭିନ୍ନ ପ୍ରଶ୍ନ ପଚାରୁଥିବାରୁ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

## ଏମପିସି କଲେଜରେ ସବୁଜ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ

ବାରିପଦା ଅଫିସ,୧୫।୯

ବାରିପଦା ତକତପୁରସ୍ଥିତ ଏମପିସି ଅଟୋନମସ କଲେଜରେ ସବୁଜ ପରିବେଶର ସଂରକ୍ଷଣ ଓ ସଚେତନତା ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ପ୍ରିନ୍ସିପାଲ ଝରଣା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ପରିସରକୁ ଯାନ-ବାହନ ମୁକ୍ତ ରଖିବା ଲାଗି ଗୁରୁତ୍ୱାରୋପ କରାଯାଇଥିଲା। ଏଣୁ କଲେଜର ଛାତ୍ରୀଛାତ୍ର ଓ କର୍ମଚାରୀ କୌଣସି ଯାନ ବ୍ୟବହାର ନ କରି କଲେଜକୁ ଆସିଥିଲେ। ଜାତୀୟ ସେବା ସଂସ୍ଥାର ଉପଦେଷ୍ଟା ଅଲବର୍ଟିନା ତିର୍କୀ, ଡ.ଅନାମ ଚରଣ ରାଉଳ, ଡ.ପ୍ରିୟବ୍ରତ ବେହେରା, ଯୁବ ରେଡକ୍ରସ ଏକକର ଉପଦେଷ୍ଟା ଡ.ସୁର୍ଯ୍ୟେନ୍ଦୁ କୁମାର ଦାଶ, ରାଇମଣି ମାରାଣ୍ଡି, ଡ.ବଳଦେବ ଆଶ ଓ କଲେଜର କର୍ମଚାରୀ ଏବଂ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କୁ ଆକ୍ରମଣ ଘଟଣା:ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୧୫।୯(ଡି.ଏନ.ଏ)-

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ଶୁକ୍ରବାର ବିଶୋଇ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଲକ୍ଷ୍ମଣ ମୁର୍ମୁ ନାମକ ଜଣେ ବୃଦ୍ଧଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଟାଉନଥାନା ଅଧୀନ ନଦିଆପୋଷି ଗ୍ରାମର ଅମୂଲ୍ୟ ନାଏକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଘଟଣାଦିନ ରାତିରେ ବୃଦ୍ଧ ଜଣକ ଏକୁଟିଆ ବୁଲୁଥିବା ବେଳେ ତାଙ୍କୁ ଚୋର ଭାବି ଏକ ଠେଙ୍ଗାରେ ଆକ୍ରମଣ କରିଥିବା ପୋଲିସ ନିକଟରେ ଅଭିଯୁକ୍ତ ପ୍ରକାଶ କରିଛନ୍ତି। ସ୍ଥାନୀୟ ଗ୍ରାମରକ୍ଷୀଙ୍କ ଅଭିଯୋଗ କ୍ରମେ ଏଥିନେଇ ଥାନାରେ ଏକ ମାମଲା (ନଂ.୧୦୫/୧୯) ରୁଜୁ ହୋଇଥିଲା।

## ଉଦଳାରେ ସଦସ୍ୟତା ଅଭିଯାନ ପ୍ରସ୍ତୁତି ବୈଠକ

**ଉଦଳା, ୧୫।୯ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛି। ଶନିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ବସିଥିଲା। ପ୍ରଥମ ପର୍ଯ୍ୟାୟରେ ଉଦଳା ଏନଏସିର ୧୨ ଗୋଟି ୱାର୍ଡ ଏବଂ ଉଦଳା ବ୍ଲକ ଅଧୀନ ୧୨ ପଞ୍ଚାୟତରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ସୋମବାର ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ଏବଂ ଉଦଳା ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଉଦଳା ଗସ୍ତରେ ଆସିବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏନଏସି ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ୱାର୍ଡରେ ସଦସ୍ୟତା ଅଭିଯାନକୁ ବ୍ୟାପକ କରାଯିବ ସକାଶେ ବିସ୍ତୃତ ଆଲୋଚନା କରାଯାଇଥିଲା। ନଗର ସଭାପତି ବନମାଳୀ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ଏନଏସି ଚେୟାରମ୍ୟାନ୍ ପ୍ରେମଲତା ଜେନା, ପୂର୍ବତନ ବ୍ଲକ ଚେୟାରମ୍ୟାନ୍ ସବିତା ହାଁସଦା, ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ଅମୀୟ କୁମାର ବଳ, ଠୁମ୍ପୁ ମୁର୍ମୁ, ବିଜୟ ସେନାପତି ଏବଂ ବରିଷ୍ଠ ବିଜେଡି ନେତା ନରେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଏବଂ ଏନଏସିର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ନେତୃବର୍ଗ ଓ କର୍ମୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପିଆରଏମ ମେଡିକାଲ କଲେଜରେ ୟୁନିଡୋର ପ୍ରତିନିଧି ଦଳ


ଇଂ ଦେବାଶିଷ ବିଶ୍ୱାଳ ୟୁନିଡୋ ଟିମକୁ ବିଭିନ୍ନ ତଥ୍ୟ ଦେଉଛନ୍ତି।

ବାରିପଦା ଅଫିସ,୧୫।୯

### ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପରିଦର୍ଶନ

ୟୁନାଇଟେଡ ନେଶନ ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ଅର୍ଗାନାଇଜେସନ (ୟୁନିଡୋ)ର ଏକ ପ୍ରତିନିଧୀ ଦଳ ରବିବାର ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପରିଦର୍ଶନରେ ଆସିଥିଲେ। ୟୁନିଡୋର ଇଣ୍ଡିପେଣ୍ଡେଣ୍ଟ କନସଲଷ୍ଟାଣ୍ଟ ଡରୋଥି ଲକ୍ସଙ୍କ ନେତୃତ୍ୱରେ ଷ୍ଟେଟ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡର ରିଜିଓନାଲ ଅଫିସର ମହୋ ଚତୁର୍ବେଦୀ, ପ୍ରକଳ୍ପ ଅଧିକାରୀ ମନିଷା ଦାସ, ଶିବାନୀ ପାଲ ପ୍ରମୁଖ ମେଡିକାଲ କଲେଜକୁ ଆସି ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକୁ ବୁଲି ଦେଖିଥିଲେ। ଏହି କାର୍ଯ୍ୟ କିଭଳି ଭାବେ କାର୍ଯ୍ୟକାରୀ ହେଉଛି ଏବଂ ସଠିକ ଭାବେ ପରିଚାଳନା ପାଇଁ ଆବଶ୍ୟକ ସାମଗ୍ରୀ ଓ ଭିତ୍ତିଭୂମୀ ଦେଖିଥିଲେ। ଏହା ସହିତ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏହି ପ୍ରତିନିଧିଦଳ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଇଂ. ଦେବାଶିଷ ବିଶ୍ୱାଳ ଏହି ପ୍ରତିନିଧି ଦଳକୁ ବିସ୍ତୃତ ଭାବେ ତଥ୍ୟ ପ୍ରଦାନ କରିଥିଲେ। ଏନଭରମେଣ୍ଟାଲ ସାଇଣ୍ଟିଷ୍ଟ ସନ୍ଧ୍ୟାରାଣୀ ମାରାଣ୍ଡି, ଡା.ପ୍ରଣବ ଶଙ୍କର ଦାଶ, ମେଡିକାଲ କଲେଜର ମ୍ୟାନେଜର ଡା.ବିନୋଦିନୀ ଦାଶ, ରିଜିଓନାଲ ଅଫିସର ପି.କେ ମହାପାତ୍ର, ରାଜିବ ମିଶ୍ର ପ୍ରମୁଖ ୟୁନିଡୋ ଟିମର ଗସ୍ତ ବେଳେ ଉପସ୍ଥିତ ଥିଲେ।

## ଆତ୍ମକଲ୍ୟାଣ ଟେକ୍‌ନିକାଲ୍ ଷ୍ଟଡି ସେଣ୍ଟର୍ ଉଦ୍‌ଘାଟିତ

କପ୍ତିପଦା,୧୫।୯(ଡ଼ି.ଏନ୍.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଜଡ଼ିଦା ପଞ୍ଚାୟତ ବଡ଼ଶିମୁଳିଆ ଗ୍ରାମରେ ଏକ ଆତ୍ମକଲ୍ୟାଣ ଷ୍ଟଡି ସେଣ୍ଟର୍ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟାପକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବଡ଼ଶିମୂଳିଆ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମ୍ବିକା ସେଠୀ, ଅଧ୍ୟାପିକା ଆରତୀବାଳା ସାହୁ, ଶିକ୍ଷୟିତ୍ରୀ ରଶ୍ମିତା ଦାସ ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ନିଜର ନାମ ପଞ୍ଜୀକୃତ କରିଥିଲେ। ଷ୍ଟଡି ସେଣ୍ଟର୍ ମାଧ୍ୟମରେ ଛାତ୍ରୀଛାତ୍ର ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ନିଜକୁ ପ୍ରସ୍ତୁତ କରିପାରିବେ ବୋଲି କହିଥିଲେ।

## ସମାଜ ଗଠନରେ ଶିକ୍ଷାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କପ୍ତିପଦା,୧୫।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ମହାବିଦ୍ୟାଳୟ ଯୁକ୍ତ ୩ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦିଲ୍ଲୀପ କୁମାର ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳା, ନୈତିକତା ଓ ଅଧ୍ୟବସାୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଦୀପାଲି ମହାନ୍ତ ସ୍ୱାଗତ ଉତ୍ସବର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରି ଶିକ୍ଷା ସାଙ୍ଗକୁ ଉନ୍ନତ ସମାଜ ଗଠନ ଦିଗରେ ଶିକ୍ଷାର୍ଥୀଙ୍କ ଦାୟିତ୍ୱବୋଧ ଓ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସସ୍ମିତା ବସନ୍ତିଆ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ।

## ସଂସ୍କୃତ ସମ୍ମାନ ବିଭାଗରେ ସ୍ୱାଗତ ଉତ୍ସବ


ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବାଙ୍ଗିରିପୋଷି,୧୫।୯(ଡି.ଏନ୍.ଏ):

ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ସଂସ୍କୃତ ସମ୍ମାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ସଭାପତି ତଥା ବିଭାଗୀୟ ମୁଖ୍ୟ ପରେଶଚନ୍ଦ୍ର ଦାଶଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି। ଏଥିରେ ପୁରାତନ ତଥା ନବାଗତ ଛାତ୍ରୀଛାତ୍ରମାନେ ନିଜେ ନିଜର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ପୁଷ୍ପା ପାତ୍ର ,ସମ୍ମାନନୀୟ ବକ୍ତା ଭାବେ ମନୋରଞ୍ଜନ ଦାଶ, ସମ୍ମାନନୀୟ ଅତିଥି ଭାବେ ସତ୍ୟନାରାୟଣ ସାମଲ ଓ ଅଶୋକ କୁମାର ମହାପାତ୍ର ଯୋଗ ଦେଇଥିଲେ। ଅଧ୍ୟାପିକା କାଜଲ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ଅଭିଯୁକ୍ତଙ୍କ ନିକଟରେ ପୋଲିସ କର୍ମଚାରୀ ବନ୍ଧୁକ ଛାଡ଼ିବା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବି କଲା ମୟୂରଭଞ୍ଜ ମୁକ୍ତିମୋର୍ଚ୍ଚା

ବାରିପଦା ଅଫିସ,୧୫।୯

ବାରିପଦା ବସ୍‌ଷ୍ଟାଣ୍ଡରୁ ଟାଉନ ଥାନା ପୋଲିସ ଶନିବାର ଗଞ୍ଜେଇ ଜବତ କରିଥିବା ବେଳେ ଏହି କାରବାରରେ ସମ୍ପୃକ୍ତ ୨ ଅଣ ଓଡ଼ିଆ ଯୁବକଙ୍କୁ ଗିରଫ କରିଛି। ବସ୍‌ଷ୍ଟାଣ୍ଡରୁ ସେମାନଙ୍କୁ ଥାନାକୁ ଆଣିବା ବେଳେ ପୋଲିସ ଜିପ ପଛରେ ଉଭୟ ଅଭିଯୁକ୍ତଙ୍କୁ ବସାଯାଇଥିବା ବେଳେ ଜବତ ଗଞ୍ଜେଇକୁ ମଧ ରଖାଯାଇଥିଲା। ତେବେ ଏହି ଅଭିଯୁକ୍ତମାନଙ୍କ ନିକଟରେ ପୋଲିସ କର୍ମଚାରୀଙ୍କ ଏକ ବନ୍ଧୁକ ରଖାଯାଇଥିଲା। କେହି ଜଣେ କର୍ମଚାରୀ ଗାଡ଼ି ଭିତରେ ବେଫିକର ଭାବେ ବନ୍ଧୁକକୁ ଛାଡ଼ି ଯାଇଥିଲେ। ତେବେ ଅଭିଯୁକ୍ତମାନଙ୍କ ନିକଟରେ ବନ୍ଧୁକ ରଖିବା ବିସ୍ମୟକର କଥା। ଯଦି ଏହି ଅଭିଯୁକ୍ତମାନେ କିଛି ଅଘଟଣ ଘଟାଇଥାନ୍ତେ ତେବେ ସେଥିପାଇଁ ଦାୟୀ ରହିଥାନ୍ତା କିଏ ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି। ଏନେଇ କେବଳ 'ଧରିତ୍ରୀ'ରେ ଏକ ରିପୋର୍ଟ ରବିବାର ପ୍ରକାଶ ପାଇଛି। ଏହି ଘଟଣାରେ ବାରିପଦା ଟାଉନ ଥାନା ପୋଲିସର କାର୍ଯ୍ୟଶୈଳୀକୁ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ନିନ୍ଦା କରାଯାଇଛି। ମୋର୍ଚ୍ଚାର ସଭାପତି ଧରାମରାଜ ହାଁସଦା କାର୍ଯ୍ୟରେ ଅବହେଳା କରିଥିବା ପୋଲିସ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ସେ ଜିଲା ପୋଲିସ ମୁଖ୍ୟଙ୍କୁ ସାକ୍ଷାତ କରି ସଂପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବେ ବୋଲି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

